ବର୍ଷ-୨୬, ସଂଖ୍ୟା-୨୩୪
ଭୁବନେଶ୍ୱର
୩୦, ଅଗଷ୍ଟ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 234
Bhubaneswar
30, August, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୨୯।୮ (ମହାଭାରତ):** ଆସନ୍ତା ସୋମବାର ଅଗଷ୍ଟ ୩୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ତା.୩୧.୦୮.୨୦୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୨୯।୮ (ମହାଭାରତ):** ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସଞ୍ଜୟ କୁମାର ବିଶ୍ୱାଳ ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକସମ୍ପର୍କ ଭବନ ସମ୍ମିଳନୀ



କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ କଲାମୁଦ୍ଦିନ୍, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ। ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ।

## କେଭି ସିଂହଦେଓଙ୍କୁ ଭେଟିଲେ ଏଫ୍ଆଇସି ପ୍ରତିନିଧି



**ଭୁବନେଶ୍ୱର,୨୯।୮ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଓଡ଼ିଶାରେ ଏକ ୟୁନିଟ୍ ସ୍ଥାପନ ପାଇଁ ଆଲୋଚନା କରିଛନ୍ତି ଏଫ୍ଆଇସି ଇଣ୍ଡିଆର ପ୍ରତିନିଧି ଦଳ। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରତିନିଧିମାନଙ୍କ ସହ ଆଲୋଚନା ଅବସରରେ ଓଡ଼ିଶାରେ କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ହ୍ରାସ କରିବା ସହ ଜୈବିକ କୃଷିକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ। ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ଓ କୃଷକମାନଙ୍କ ସମସ୍ୟାର ନିରନ୍ତର ସମାଧାନ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ଉଲ୍ଲେଖ କରିଥିଲେ।

ଏହି ଅବସରରେ ଓଡ଼ିଶାରେ କୃଷକମାନଙ୍କୁ ସମର୍ଥନ ଦେବା ନିମନ୍ତେ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ସହ ରାଜ୍ୟରେ ନିରନ୍ତର କୃଷି ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାରର ଉପଯୁକ୍ତ ଏବଂ ଯଥାଯଥ ବ୍ୟବହାର କରି ମୃତିକାର ଗୁଣବତା ଓ ପୁଷ୍ଟିସାର ପରିଚାଳନା ସୁନିଶ୍ଚିତ କରିବା ଉପରେ ଏଫ୍ଆଇସି ଗୁରୁତ୍ୱ ଦେଇଥାଏ ବୋଲି ପ୍ରତିନିଧିମାନେ ଉଲ୍ଲେଖ କରିଥିଲେ। ଓଡ଼ିଶାରେ ଏଫ୍ଆଇସି ପ୍ରତିଷ୍ଠା ହେଲେ ଏହା ବିଶ୍ୱର ଦ୍ୱିତୀୟ କେନ୍ଦ୍ର ହେବ ବୋଲି ପ୍ରତିନିଧିମାନେ କହିଥିଲେ। ଏଥି ସହ ଓଡ଼ିଶାରେ ଏକ ଫର୍ଟିଲାଇଜର୍ ଏକାଡେମୀ ପ୍ରତିଷ୍ଠା ନେଇ ମଧ୍ୟ ଆଲୋଚନା ହୋଇଥିଲା।

# ପୋଲିସ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ୧୦ ମାର୍ଗଦର୍ଶନ

**ଭୁବନେଶ୍ୱର,୨୯।୮ (ମହାଭାରତ):** ରାଜ୍ୟ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା- ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ, ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ।




ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ଏନସିଆରବି ର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାର୍ବଣ ଋତୁ ଆଗତ ହେଉଥିବାରୁ 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟକୁ ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ନିଶା କାରବାର ବନ୍ଦ ହେଲେ ରାଜ୍ୟରେ ଅପରାଧ ହାର ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ତଟରେଖାର ସୁରକ୍ଷା ଓ ସାମୁଦ୍ରିକ ସୀମା ଦେଇ ହେଉଥିବା ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ଭୁବନେଶ୍ୱରଠାରେ 'କମାଣ୍ଡ ଆଣ୍ଡ କଂଟ୍ରାଲ', ୧୦ଟି ଡ୍ରୋନ୍, ୫ଟି ଟ୍ରଲ୍, ୧୦ଟି ଆଧୁନିକ ଇଂଟରସେପ୍ଟର ବୋଟ୍ କ୍ରୟ ପ୍ରକ୍ରିୟା ଏବଂ ଅଲ୍? ଟେରେନ୍ ଭେଇକିଲ୍ (ଏଟିଭି) ମାଧ୍ୟମରେ ବେଳାଭୂମି ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି। ସାମୁଦ୍ରିକ ସୁରକ୍ଷା ପାଇଁ ଏସପିଓ ଏବଂ ପୂର୍ବତନ ସେନାକର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ମାଓ ହିଂସା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିଥିବାରୁ ଏବଂ ଓଏସଏସଏଫ୍ ବାଟାଲିୟନ, ଆକର୍ଷଣୀୟ ଆତ୍ମସମର୍ପଣ ନୀତି ଯୋଗୁଁ ଓଡ଼ିଶାକୁ କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ସମ୍ମାନିତ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଛନ୍ତି। ଏହାସହ ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ,ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ସଂଗଠିତ ଅପରାଧ ବିରୋଧରେ 'ଜିରୋ ଟଲରେନ୍ସ' ନୀତି କାର୍ଯ୍ୟକାରୀ କରାଯାଉଥିବା ବେଳେ ରାଜ୍ୟରେ ଦଣ୍ଡବିଧାନ ହାରକୁ ଅତି କମରେ ୭୫ ପ୍ରତିଶତକୁ ନେବା ପାଇଁ ତଦନ୍ତ ପ୍ରକ୍ରିୟାକୁ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ଉଚିତ। 'ଡାର୍କ ୱେବ୍' ଏବଂ ସାଇବର ଠକେଇକୁ ରୋକିବା ପାଇଁ ଆଧୁନିକ ଡିଜିଟାଲ ସର୍ଭେଲାନ୍ସ ସହ ବ୍ୟାପକ ସଚେତନତା ସୃଷ୍ଟି କରିବା, ନାଟଗ୍ରୀଡ୍ ଓ ସିସିଟିଏନଏସ୍ ମାଧ୍ୟମରେ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଥାନାଗୁଡ଼ିକର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କାର ସ୍ୱତନ୍ତ୍ର ତଦନ୍ତ ଫଣ୍ଡ ସହ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛି।

# ଓଡ଼ିଶାରେ ବୃହତ ଶିଳ୍ପ ନିବେଶ ପ୍ରକଳ୍ପ କାର୍ଯ୍ୟା ତ୍ୱରାନ୍ୱିତ କର

**ଭୁବନେଶ୍ୱର,୨୯।୮ (ମହାଭାରତ):** ଓଡ଼ିଶାରେ ବୃହତ୍ ଶିଳ୍ପନିବେଶଭିତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବତଥା ଇଡକୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ,ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସଂପଦ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ ,ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନୀ(ନାଲକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାଲକୋ ସମ୍ପର୍କିତ




ଆଲୋଚନାରେସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଂଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ'କୋଇଲା ଖଣିଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତିଭୂମିର ବିକାଶ ଆଦି ବିଷୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା।

ଏହାସହଆଦାନୀ ଗ୍ରୁପ୍ ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଂଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା। ବିଶେଷକରି ଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତିଭୂମି ବିକାଶସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଂଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ, ରାଜ୍ୟର ଶିଳ୍ପ ବିକାଶ, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ।

## ଦନ୍ତ ଚିକିତ୍ସକଙ୍କ ପାଇଁ ମାସିକ ୨୦,୦୦୦ ଟଙ୍କା ପ୍ରୋତ୍ସାହନ

**ଭୁବନେଶ୍ୱର,୨୯।୮ (ମହାଭାରତ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଂଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂତନ ନିଷ୍ପତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦,୦୦୦ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍ ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ , " ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିଫିକେସନ୍ ଜାରି କରାଯାଇଛି।

### ବିଜେପି ସାଂସଦଙ୍କୁ ନବୀନଙ୍କ ଆହ୍ୱାନ

## ଏମ୍ଏମ୍ଡିଆର ସଂଶୋଧନ ବିରୋଧରେ ଠିଆ ହୁଅ

**ଭୁବନେଶ୍ୱର,୨୯।୮ (ମହାଭାରତ):** ଓଡ଼ିଶାର ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ବିଜେପି ସାଂସଦଙ୍କୁ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଂଟ ଆଣ୍ଡ ରେଗୁଲେସନ୍) ସଂଶୋଧନ ବିଲ, ୨୦୨୬କୁ ନେଇ ନିଜ ଆଭିମୁଖ୍ୟର ପୁନର୍ବିଚାର କରିବା ସହ ସଂଶୋଧନକୁ ପ୍ରତ୍ୟାହାର ପାଇଁ ଦାବି ଉଠାଇବାକୁ ଆହ୍ୱାନ ଜଣାଇଛନ୍ତି। ଶନିବାର ଓଡ଼ିଶାର ବିଜେପି ସାଂସଦମାନଙ୍କୁ ଲେଖିଥିବା ଏକ ପତ୍ରରେ ନବୀନ ପଟ୍ଟନାୟକ ଅଗଷ୍ଟ ୧୩ରେ ଲୋକସଭାରେ ଏହି ବିଲ୍ ପାରିତ ହେବାର ଦିନକୁ 'ଓଡ଼ିଶା ପାଇଁ କଳା ଦିବସ' ବୋଲି ଅଭିହିତ କରିଛନ୍ତି। ବିଜେପି ସାଂସଦମାନଙ୍କ ସମର୍ଥନରେ ଏହି ବିଲ୍ ଲୋକସଭାରେ ପାରିତ ହୋଇଥିବା ବେଳେ ଏହାର ବ୍ୟବସ୍ଥା ଓଡ଼ିଶା ଓ ରାଜ୍ୟବାସୀଙ୍କ ଉପରେ ଦୂରଗାମୀ ପ୍ରଭାବ ପକାଇପାରେ ବୋଲି ସେ ଚିନ୍ତା ପ୍ରକାଶ କରିଛନ୍ତି। ପଟ୍ଟନାୟକ କହିଛନ୍ତି ଯେ, ସଂସଦ ହେଉଛି ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର। ସାଂସଦ ଭାବେ ଓଡ଼ିଶାର ଜନପ୍ରତିନିଧିମାନଙ୍କ ଦାୟିତ୍ୱ ହେଉଛି ସଂସଦରେ ରାଜ୍ୟବାସୀଙ୍କ ସ୍ୱାର୍ଥର ସ୍ୱର ଉତ୍ତୋଳନ କରିବା। ଜନସାଧାରଣ ସେମାନଙ୍କ ଉପରେ ଭରସା କରି ସାଂସଦ ଭାବେ ନିର୍ବାଚିତ କରିଥିବାରୁ ବିଲ୍ ସପକ୍ଷରେ ସେମାନଙ୍କ ଭୋଟ୍କୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଜେଡି ସଭାପତି ବିଲ୍‌ଟି ଲୋକସଭାରେ ପାରିତ ହେବାର ପ୍ରକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଦୂରଗାମୀ ପ୍ରଭାବ ରଖୁଥିବା ବ୍ୟବସ୍ଥା ଥିବା ସତ୍ତ୍ୱେ ଲୋକସଭାରେ ଏହି ବିଲ୍ ଉପରେ ୧୦ ମିନିଟ୍‌ରୁ କମ୍ ସମୟ



ଆଲୋଚନା ହୋଇଥିଲା ବୋଲି ସେ କହିଛନ୍ତି। ପଟ୍ଟନାୟକ କହିଛନ୍ତି ଯେ, ଏହି ଆଇନ ଯୋଗୁଁ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ରାଜ୍ୟ ମଧ୍ୟରେ ରହିବ। ଦେଶର ମୋଟ ଖଣିଜ ସମ୍ପଦରେ ଓଡ଼ିଶାର ଅଂଶ ପ୍ରାୟ ୪୪ ପ୍ରତିଶତ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଦଶନ୍ଧି ଧରି ଓଡ଼ିଶା ନିଜର ଖଣିଜ ସମ୍ପଦ ମାଧ୍ୟମରେ ଦେଶର ଇସ୍ପାତ, ବିଦ୍ୟୁତ, ଖଣି ଓ ଭିତ୍ତିଭୂମି କ୍ଷେତ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛି। ଏହି ସଂଶୋଧନ ଯୋଗୁଁ ଓଡ଼ିଶାକୁ ବାର୍ଷିକ ୧୨,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇପାରେ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ସମୟକ୍ରମେ ଏହି କ୍ଷତି ଲକ୍ଷ ଲକ୍ଷ କୋଟି ଟଙ୍କାରେ ପହଂଚିପାରେ ବୋଲି ସେ କହିଛନ୍ତି। ଏଥିସହ ରାଜ୍ୟର ନିଜସ୍ୱ ଖଣିଜ ସମ୍ପଦ ଏବଂ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣକୁ ଏହି ସଂଶୋଧନ ଦୁର୍ବଳ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ମ୍ୟାଲେରିଆ ନିୟନ୍ତ୍ରଣକୁ ଯାଞ୍ଚ କରିବ ରାଜ୍ୟସ୍ତରୀୟ ଟିମ୍

**ଭୁବନେଶ୍ୱର,୨୯।୮ (ମହାଭାରତ):** ମ୍ୟାଲେରିଆ ନିରାକରଣ ଓ ଅନ୍ୟାନ୍ୟ ଭେକ୍ଟରଜନିତ ରୋଗର ନିୟନ୍ତ୍ରଣ ସମ୍ପର୍କିତ ରାଜ୍ୟ ବୈଷୟିକ ଟାସ୍କଫୋର୍ସର ଏକ ବୈଠକ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ବର୍ତ୍ତମାନ ମ୍ୟାଲେରିଆ ସ୍ଥିତିର ସମୀକ୍ଷା କରାଯିବା ସହ ମ୍ୟାଲେରିଆ ଏବଂ ଅନ୍ୟାନ୍ୟ ଭେକ୍ଟରଜନିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ନିର୍ଦ୍ଦେଶକ(ଭେକ୍ଟରଜନିତ ରୋଗ) ଡ଼. ଶୁଭାଶିଷ ମହାନ୍ତି ବୈଠକରେ ରାଜ୍ୟରେ ବର୍ତ୍ତମାନ ମ୍ୟାଲେରିଆ ସ୍ଥିତି, କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଚ୍ୟାଲେଞ୍ଜଗୁଡିକ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ। ବୈଠକରେ ମ୍ୟାଲେରିଆ ଆକ୍ରାନ୍ତ, ଜିଲ୍ଲାୱାରୀ ସ୍ଥିତି ଏବଂ ଅଧିକ ମ୍ୟାଲେରିଆ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରୀକ୍ଷଣ ଓ ତ୍ୱରିତ ପ୍ରତିକ୍ରିୟାକୁ ଅଧିକ ଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ମ୍ୟାଲେରିଆ ମାମଲା ସଂଖ୍ୟା ଦୃଷ୍ଟିରୁ ମାଲକାନଗିରି ଜିଲ୍ଲାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ରାଜ୍ୟସ୍ତରୀୟ ଟିମ୍ ମାଲକାନଗିରି ଜିଲ୍ଲା ଗସ୍ତ କରି ସମସ୍ତ ବ୍ଲକରେ କ୍ଷେତ୍ରସ୍ତରୀୟ ସମୀକ୍ଷା କରିବ। ଏହି ଟିମ୍ ମ୍ୟାଲେରିଆ ସ୍ଥିତିର ଆକଳନ, କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ଥିବା ଅଭାବ ଚିହ୍ନଟ କରିବା ସହ ମ୍ୟାଲେରିଆ ପ୍ରତିରୋଧ, ନିରୀକ୍ଷଣ, ନିଦାନ, ଚିକିତ୍ସା ଓ ତ୍ୱରିତ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ପାଇଁ ବ୍ଲକୱାରୀ କାର୍ଯ୍ୟଯୋଜନା ପ୍ରସ୍ତୁତ



କରିବ। ପରବର୍ତ୍ତୀ ସମୟରେ ଏହାର ବିସ୍ତୃତ ରିପୋର୍ଟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଦାଖଲ କରାଯିବ। ମ୍ୟାଲେରିଆ କାର୍ଯ୍ୟକ୍ରମର ରୂପାୟନ ଓ ନିରୀକ୍ଷଣରେ ସମ୍ପୃକ୍ତ ସମସ୍ତ ସହଯୋଗୀ ସଂସ୍ଥା ଓ ଏଜେନ୍ସି ରାଜ୍ୟ ଅନୁମୋଦିତ ଏକୀକୃତ ମନିଟରିଂ ଫର୍ମାଟ୍ ବ୍ୟବହାର କରିବେ। ଏହା ଦ୍ୱାରା ବିଭିନ୍ନ ଜିଲ୍ଲାରେ ନିରୀକ୍ଷଣ, ରିପୋର୍ଟିଂ ଏବଂ ପରବର୍ତ୍ତୀ ପଦକ୍ଷେପରେ ସମନ୍ୱୟ ଓ ସମାନତା ନିଶ୍ଚିତ ହୋଇପାରିବ। ଜନଜାତି ଆବାସିକ ବିଦ୍ୟାଳୟରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ମ୍ୟାଲେରିଆରୁ ସୁରକ୍ଷା ନିମନ୍ତେ ବିଶେଷ ପଦକ୍ଷେପ ଗ୍ରହଣ କରାଯିବ। ମ୍ୟାଲେରିଆ ପ୍ରବଣ ଏବଂ ସୀମାନ୍ତ ଅଞ୍ଚଳରେ ଥିବା ଜନଜାତି ଆବାସିକ ବିଦ୍ୟାଳୟ ଗୁଡ଼ିକରେ ପ୍ରତିରୋଧମୂଳକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟାଲେରିଆର ଶୀଘ୍ର ନିଦାନ ଓ ସମୟୋପଯୋଗୀ ଚିକିତ୍ସା ସୁନିଶ୍ଚିତ କରିବାକୁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନର ସ୍ଥିତି ଓ କାର୍ଯ୍ୟକ୍ରମ ରୂପାୟନରେ ଦେଖାଦେଉଥିବା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରରେ ଏକ ବୈଷୟିକ ଦଳ ଗଠନ କରାଯିବ। ଏଥିରେ ଭୁବନେଶ୍ୱର ଆରଏମଆରସି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସିନିୟର ରିଜିଓନାଲ ଡାଇରେକ୍ଟରଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟର ବୈଷୟିକ ବିଶେଷଜ୍ଞ ସାମିଲ ହେବେ। ବୈଠକରେ ମ୍ୟାଲେରିଆ ମାମଲା ଓ ମୃତ୍ୟୁ ରୋକିବା ସହ ଓଡ଼ିଶାର ମ୍ୟାଲେରିଆ ନିରାକରଣ ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଅନ୍ୟ ସହଯୋଗୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଟାସ୍କଫୋର୍ସ ଗୁରୁତ୍ୱାରୋପ କରିଛି।

## ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।

ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ଚୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



**ଖବର**

# ପୋଷ୍ଟ ପ୍ରଡକସନ୍‌ରେ 'ପଶାପାଲି'



ନିର୍ଦ୍ଦେଶକ ସଞ୍ଜୟ ନାୟକ ତାଙ୍କର ନୂଆ ସିନେମା 'ପଶାପାଲି'ର ସୁଟିଂ ଶେଷ କରି ଏବେ ପୋଷ୍ଟ ପ୍ରଡକସନ୍ କାମ ଚଲାଇଛନ୍ତି। ଇତିମଧ୍ୟରେ ଏହାର ଏଡିଟିଂ କାମ ସରିଯାଇଛି। ରାଜନୈତିକ ପୃଷ୍ଠଭୂମି ଥିବା କାହାଣୀ ଆଧାରିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ପ୍ରଶାନ୍ତ କର। 'ସାତ ସୁରେ ବନ୍ଧା ଏ ଜୀବନ' ଓ 'ଭାଇନା କ'ଣ କଲା ସେ' ଓ 'ରଙ୍ଗୀଲା ବାବା' ଆଦି ସିନେମା ସହ ଜଡ଼ିତ ଦିଲୀପ ଦାଶ ଏହାର ମୁଖ୍ୟ ଉପଦେଷ୍ଟା ଅଛନ୍ତି।ଏଥିରେ ଶ୍ରୀମୟୀ ମିଶ୍ର, ଦୁଷ୍ମନ୍ତ, ରାଜ ରାଜେଶ, ପୁନମ୍, ପୃଥ୍ୱୀରାଜ ନାୟକ, କେଦାର ମିଶ୍ର ଓ ଶୁଭ୍ରାଂଶୁ ପ୍ରମୁଖ ମୁଖ୍ୟ ଭୂମିକରେ ଅଛନ୍ତି। ଏହି ସିନେମା ଜରିଆରେ ବିଗତ ଦିନର ଜଣାଶୁଣା ଟେଲି ଅଭିନେତ୍ରୀ ତଥା ରାଜନେତ୍ରୀ ଶ୍ରୀମୟୀ ମିଶ୍ର ବଡ଼ ପରଦାରେ ପଦାର୍ପଣ କରିଛନ୍ତି। ମଳୟ ମିଶ୍ର ଏହାର ସଙ୍ଗୀତ ନିର୍ଦ୍ଦେଶକ। 'ପଶାପାଲି' ଏବେ ଓଲିଉଡ୍ ?ରେ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷ କରି ଶ୍ରୀମୟୀ ମିଶ୍ରଙ୍କ ଭୂମିକା ଏହି ସିନେମାରେ କ'ଣ ରହିଛି, ତାହା ଜାଣିବାକୁ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଇତିମଧ୍ୟରେ 'ପଶାପାଲି'ର ପୋଷ୍ଟର ରିଲିଜ୍ ହୋଇଯାଇଛି।

# ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନଥା'ନ୍ତି। ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି। ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ର୍ନିମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ।

# ପିଜୁଳି ପତ୍ର ଦ୍ୱାରା କେଶ ଚର୍ଯ୍ୟା



ଫଳମୂଳ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆମ ଦେଶରେ ପିଜୁଳି ଫଳର ଆଦର ଅଧିକ ଥିବାବେଳେ ଏହାର ପତ୍ରରେ ମଧ୍ୟ ଔଷଧୀୟ ଗୁଣ ଭରପୂର। କେଶ ଝଡ଼ାରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପିଜୁଳି ପତ୍ରରେ ଉପଚାର କଲେ ଲାଭ ମିଳିଥାଏ। ୧୫-୨୦ ଟି ପଜୁଳି ପତ୍ର ଆଣି ଭଲରେ ଧୋଇ ତାହାକୁ ୧ଲିଟର ପାଣିରେ ଫୁଟାଇବେ। ପରେ ଏହାକୁ ଛାଣି ଥଣ୍ଡା ହେବା ପାଇଁ ରଖିବେ। ଏହି ପିଜୁଳି ପତ୍ର ଫୁଟା ପାଣିକୁ ତୁଳାରେ ନେଇ କେଶ ମୂଳରେ ଲଗାଇବେ। ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିବେ। କେଶ ଝଡ଼ା, ରୁପି ଇତ୍ୟାଦି ସମସ୍ୟାରୁ ଏହି ପାଣି ରକ୍ଷା କରେ। ସପ୍ତାହରେ ୨-୩ଥର ଏହିପରି ଉପାୟରେ କେଶର ଯତ୍ନ ନିଅନ୍ତୁ। କେଶ ସଂକ୍ରମଣ ହୋଇଥିଲେ ମଧ୍ୟ ତହା ଦୂର ହୋଇଯିବ। ଏହି ଫୁଟା ପାଣିକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିବା ଅନୁଚିତ। ପିଜୁଳି ପତ୍ରକୁ ବାଟି ସେଥିରେ ଦହି ମିଶାଇ କେଶରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇନେବେ। କେଶ ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ଏହା ଏକ ସରଳ ଉପାୟ। ପିଜୁଳି ପତ୍ର ଫୁଟା ପାଣି, ପତ୍ର ବଟା, ମହୁ ଅଳ୍ପ ମିଶାଇ ପ୍ୟାକ୍ କରି କେଶରେ ଲଗାଇଲେ କେଶ ରୁକ୍ଷତା ଦୂର ହେବା ସହ ଝଡ଼ିବା କମ୍ ହେଉଥିବା ପ୍ରକାଶ।



# କାଳୀୟ ଦଳନ



ଦିନେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀ କୂଳରେ ପହଞ୍ଚିଲେ। ତାଙ୍କ ସହିତ ବଳରାମ ନଥିଲେ। ଯମୁନା ନଦୀର ଜଳ କାଳୀୟ ନାଗର ବିଷ ଦ୍ୱାରା ନୀଳ ପଡ଼ିଯାଇଥିଲା। ସେଦିନ ପ୍ରବଳ ଗରମ ହେଉଥିଲା। ଗୋପବାଳକ ଓ ଗାଈଗୋରୁ ଶୋଷରେ ଆଉଟୁପାଉଟୁ ହେଉଥିଲେ। ଆଗପଛ ବିଚାର ନକରି ସମସ୍ତେ ଯମୁନା ନଦୀ ଜଳ ପିଇଗଲେ। ହେଲେ ବିଷ ପ୍ରଭାବରୁ ସମସ୍ତେ ପ୍ରାଣ ହରାଇଲେ। ଶ୍ରୀକୃଷ୍ଣ ଏସବୁ ଦୃଶ୍ୟ ଦେଖୁଥିଲେ। ସେ ତତ୍‌କ୍ଷଣାତ ସମସ୍ତଙ୍କୁ ବଞ୍ଚାଇଦେଲେ। ଏହାପରେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀର ଜଳକୁ ବିଷମୁକ୍ତ କରିବାକୁ ଚେଷ୍ଟା କଲେ। ଅଣ୍ଟାରେ ଗାମୁଛା ବାନ୍ଧି ସେ କଦମ୍ବ ଗଛକୁ ଚଢ଼ିଗଲେ ଏବଂ ସେଠାରୁ ଯମୁନା ନଦୀକୁ ଡେଇଁ ପଡ଼ିଲେ। ପାଣିରେ ସେ ଖେଳିବାକୁ ଲାଗିଲେ। ହାତ ଆଞ୍ଜୁଳିରେ ଯମୁନା ଜଳ ଫିଙ୍ଗିବାକୁ ଲାଗିଲେ। ଯମୁନା ନଦୀରେ ବଡ଼ ବଡ଼ ଢେଉ ଉଠିଲା। କାଳୀୟ ନାଗ ଏହି ଆଭାସ ପାଇଲା। ସେ କ୍ରୋଧିତ ହୋଇପଡ଼ିଲା ଓ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆସି ଉଭା ହେଲା। ସେ ଦେଖିଲା ଯେ କୃଷ୍ଣବର୍ଣ୍ଣର ଏକ ସୁନ୍ଦର ବାଳକ ଯମୁନା ଜଳରେ ଖେଳୁଛି। କାଳୀୟନାଗ ଲାଙ୍ଗୁଡ଼ରେ କୃଷ୍ଣଙ୍କୁ ଗୁଡ଼ାଇ ଚାପିଦେଲା। କୃଷ୍ଣଙ୍କୁ ଏଭଳି ସ୍ଥିତିରେ ଦେଖି ଅନ୍ୟ ଗୋପବାଳକ ଓ ଗୋରୁଗାଈ ଭୟଭୀତ ହୋଇପଡ଼ିଲେ। ମାତ୍ର ପରକ୍ଷଣରେ ଶ୍ରୀକୃଷ୍ଣ ନିଜକୁ ନାଗ କବଳରୁ ଛଡ଼ାଇନେଲେ। ଏହାପରେ କୃଷ୍ଣ ଓ ନାଗ ମଧ୍ୟରେ ଛକାପଞ୍ଝା ଲାଗି ରହିଲା। ଶେଷରେ ଶ୍ରୀକୃଷ୍ଣ କାଳୀୟ ନାଗର ଫଣା ଉପରକୁ ଚଢ଼ିଗଲେ ଏବଂ ନାଚିବାକୁ ଲାଗିଲେ। ଦୀର୍ଘ ସମୟ ଧରି ସେ ବଂଶୀ ବଜାଇ ନାଚିବା ଜାରି ରଖିଲେ। ଭଗବାନଙ୍କୁ ନାଚୁଥିବାର ଦେଖି ଦେବତା, ଯକ୍ଷ, ଗନ୍ଧର୍ବ ଆନନ୍ଦିତ ହୋଇ ମୃଦଙ୍ଗ ବଜାଇବାକୁ ଲାଗିଲେ। ସମଗ୍ର ସ୍ୱର୍ଗପୁରୀ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା। ଶ୍ରୀକୃଷ୍ଣଙ୍କ ପାଦର ଭାର ସହିନପାରି କାଳୀୟ ନାଗ ରକ୍ତବାନ୍ତି କରିପକାଇଲା। ନାଗର ପତ୍ନୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକଟ ହୋଇ କ୍ଷମା ପ୍ରାର୍ଥନା କଲା। ହେ ଭଗବାନ! ଦୁଷ୍ଟମାନଙ୍କର ସଂହାର ପାଇଁ ଆପଣ ଅବତାର ନେଇଛନ୍ତି। ଆପଣଙ୍କ ଶୌର୍ଯ୍ୟ ଦେଖି ଆମେ ମଧ୍ୟ ନିଜ ଭୁଲ୍ ବୁଝିପାରିଛୁ। କାଳୀୟ ନାଗ ଆପଣଙ୍କ ଚାପ ସହିବାରେ ଅସମର୍ଥ। ଦୟାକରି ତା'କୁ କ୍ଷମା ଦିଅନ୍ତୁ। ଦୟାଳୁ ଭଗବାନ କାଳୀୟ ନାଗକୁ ଛାଡ଼ିଦେଲେ। ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ପରମେଶ୍ୱର! ଆପଣଙ୍କ ସୃଷ୍ଟିରେ ଆମେ ସର୍ପଗଣ ତମୋଗୁଣର ପ୍ରତିନିଧିତ୍ୱ କରିଥାଉ। ତେଣୁ ହେ ଭଗବାନ! ମୁଁ ଆପଣଙ୍କ ମାୟା ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ଦୟାକରି ମୋର ତ୍ରୁଟି ମାର୍ଜନା କରନ୍ତୁ। ଏହାପରେ ଭଗବାନ କାଳୀୟକୁ କ୍ଷମାଦାନ କଲେ। କାଳୀୟ ନାଗ ସବୁଦିନ ପାଇଁ ଯମୁନା ନଦୀ ତ୍ୟାଗ କରି ରମନକଦ୍ୱୀପରେ ରହିବାକୁ ଚାଲିଗଲା। ସେବେଠାରୁ ଯମୁନା ଜଳ ବିଷ ପ୍ରଭାବରୁ ମୁକ୍ତ ହୋଇଗଲା।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା। ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା। ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା। ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା। ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ। ମା' ପୁତ୍ରକୁ ୩ଟି ଶର ଦେଲେ। ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା। ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା। ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ। ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ। ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ। ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ। ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା। ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ। ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ। ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ। ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ। ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ। ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ। ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ। ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି। ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି। ମନ୍ଦିରଟି ଶ୍ୱେତ ପ୍ରସ୍ଥରରେ ନିର୍ମିତ। ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ। ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା। ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ। ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା।

# ଓଡ଼ିଶାର ଖଣି ରାଜସ୍ୱ ୫୦ହଜାର କୋଟିରେ ପହଞ୍ଚିଛି

ଭୁବନେଶ୍ୱର,୨୯।୮ (ମହାଭାରତ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି 'ଖଣି ଏବଂ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ୍, ୨୦୨୬' କୁ ବିରୋଧ କରିବା ସହ କେନ୍ଦ୍ର ସରକାର ଓଡ଼ିଶାର ହକ୍ ଛଡ଼ାଇ ନେଉଛନ୍ତି ବୋଲି ଯେଉଁ ବକ୍ତବ୍ୟ ରଖିଛନ୍ତି, ତାହାର କଡ଼ା ଜବାବ ଦେଇଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ ଭିଡିଓ ବାର୍ତ୍ତା ଜାରି କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜନୀତି ନିଜ ଜାଗାରେ, କିନ୍ତୁ ସତ୍ୟକୁ ଲୁଚାଇ ଓଡ଼ିଶାର ଲୋକଙ୍କୁ ଭ୍ରମିତ କରିବା ଆଦୌ ଗ୍ରହଣୀୟ ନୁହେଁ। ସୁବିଧାବାଦୀ ରାଜନୈତିକ ଫାଇଦା ନେବା ପାଇଁ ନବୀନ ବାବୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଠିକ୍ ନୁହେଁ। ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି ଯେ, ମୋଦୀ ସରକାର ଆଣିଥିବା ଏହି ନୂଆ ଏମଏମଡିଆର ବିଲ୍ ହେଉଛି ଦେଶର ଖଣି ସୁରକ୍ଷା ଓ ଓଡ଼ିଶା ଭଳି ଖଣି ସମ୍ପନ୍ନ ରାଜ୍ୟଗୁଡ଼ିକର ଆର୍ଥିକ ଭବିଷ୍ୟତ ପାଇଁ ଏକ ଐତିହାସିକ ପଦକ୍ଷେପ । ପୂର୍ବରୁ ରାଜ୍ୟଗୁଡ଼ିକ ଖଣିଗୁଡ଼ିକ ଉପରେ ୧୪ ପ୍ରକାରର ଅଲଗା ଅଲଗା ଅତ୍ୟଧିକ ଟିକସ ଲଗାଉଥିଲେ। ଏମଏମଡିଆର ବିଲ୍ ର ଧାରା ୯ଡି ରାଜ୍ୟଗୁଡ଼ିକରୁ ମୂଳ ରାଜସ୍ୱ ନ ଛଡ଼ାଇ ମଲଟି-ଲେଭଲ୍ ଟ୍ୟାକ୍ସ ବୋଝକୁ ରୋକିବା ପାଇଁ ଏକ ସ୍ପଷ୍ଟ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରୁଛି। ପୁରୁଣା ବକେୟା ଟିକସ ବୋଝ ଯୋଗୁଁ ଅନେକ ଖଣି କମ୍ପାନୀ ବନ୍ଦ ହେବାର ସମ୍ଭାବନା ଥିଲା। ଏହି ବିଲ୍ ଦ୍ୱାରା କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଯାଜପୁରର ଖଣି ଓ କାରଖାନାଗୁଡ଼ିକ ବନ୍ଦ ହେବାର ଆଶଙ୍କା ଦୂରେଇ ଯାଇଛି ଏବଂ ଖଣି ଓ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କ ଚାକିରି, ବୃତ୍ତି ଓ ଜୀବିକା ସୁରକ୍ଷିତ ହୋଇପାରିଛି। ଖଣି ଉପରେ ୭୦% ରୁ ୮୦% ମନୋମୁଖୀ ଟିକସ ଲଦିଲେ ଲୁହା, କୋଇଲା, ସିମେଂଟର ଦାମ୍ ଆକାଶଛୁଆଁ ହୋଇଥାନ୍ତା, ଯାହାଦ୍ୱାରା ସପ୍ଲାଇ ଚେନ୍, ଶିଳ୍ପ ଓ ଭିତିଭୂମି ବିକାଶ ବାଧାପ୍ରାପ୍ତ ହୋଇଥାନ୍ତା। ଓଡ଼ିଶାର ସାଧାରଣ ମଧ୍ୟବିତ ପରିବାରଟିଏ ଘର ତିଆରି କରିବା ସହ ମୋଟରସାଇକେଲ, ଟ୍ରକ୍ ଓ ଟ୍ରାକ୍ଟର କିଣିବା ମଧ୍ୟ କଷ୍ଟକର ହୋଇପଡ଼ିଥାନ୍ତା। ଏହି ବିଲ୍ ସାଧାରଣ ଲୋକଙ୍କୁ ଏହି ମହଙ୍ଗା ମାଡ଼ରୁ



ରକ୍ଷା କରିଛି । ଏହି ବିଲ୍ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହୋଇନାହିଁ। ଓଡ଼ିଶା ଯେଉଁ ନିଲାମ ପ୍ରିମିୟମ୍, ରୋୟାଲଟି ଓ ଡିଏମଏଫ ପାଉଥିଲା, ତାହାର ୧୦୦ ପ୍ରତିଶତ ଆଜି ବି ସିଧାସଳଖ ଓଡ଼ିଶା ସରକାରଙ୍କ ଖାତାକୁ ହିଁ ଯିବ। ସାରା ଦେଶରେ ସମାନ ଖଣି ଟିକସ ନୀତି ଲାଗୁ ହେଲେ ବ୍ୟବସାୟ ସୁଗମ ହେବା ସହ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥା ସୁଧୁରିବ। ଏଥିପାଇଁ ଆମର ସମସ୍ତ ସାଂସଦମାନେ ଏହାକୁ ସମର୍ଥନ କରିଛନ୍ତି।

ତେବେ ଗତକାଲି ନବୀନ ବାବୁ ଯାହା କହିଛନ୍ତି, ତାହା ଓଡ଼ିଶାବାସୀଙ୍କୁ ଭ୍ରମିତ କଲା ଭଳି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ଲାଲକିଲ୍ଲା ଭାଷଣରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ପୂର୍ବ ଭାରତ ସମେତ ଓଡ଼ିଶାର ବିକାଶ ପାଇଁ ଚିନ୍ତା କରୁଛନ୍ତି, ତାଙ୍କ ବାବଦରେ ପ୍ରଶ୍ନ ଉଠାଇବା ପୂର୍ବରୁ ନବୀନ ବାବୁ ନିଜର ୨୪ ବର୍ଷର ରିପୋର୍ଟ କାର୍ଡ ଦେଖି ଆତ୍ମସମୀକ୍ଷା କରିବା ଦରକାର। ନବୀନ ବାବୁଙ୍କୁ ତାଙ୍କ ୨୪ ବର୍ଷର ରିପୋର୍ଟ କାର୍ଡ଼ ମନେପକାଇ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ନବୀନ ବାବୁ କ୍ଷମତାରେ ଥିବାବେଳେ ୨୦୦୪ ମସିହାରେ ଓଡ଼ିଶାର ବାର୍ଷିକ ଖଣି ରାଜସ୍ୱ ଆୟ ଥିଲା ମାତ୍ର ୧,୦୦୦ କୋଟି।୨୦୧୪ ପର୍ଯ୍ୟନ୍ତ (ଯେଉଁ ପର୍ଯ୍ୟନ୍ତ ମୋଦୀ ସରକାର ଖଣି ନୀତିରେ ସଂସ୍କାର ଆଣିନଥିଲେ) ଏହା ମାତ୍ର ୫,୦୦୦ କୋଟିରେ ସୀମିତ ଥିଲା, କାରଣ ସେତେବେଳେ ଖଣି କମ୍ପାନୀମାନଙ୍କୁ ଶାଗ ମାଛ ଦରରେ ଖଣି ବଣ୍ଟାଯାଉଥିଲା। ଭାଇ-ବନ୍ଧୁ-କୁଟୁମ୍ବ ହିସାବରେ ଓଡ଼ିଶାର ନିର୍ଦ୍ଦିଷ୍ଟ କେତେକ ପରିବାର ଗୁଡ଼ିକୁ ଖଣି ଟେକି ଦିଆଯାଉଥିଲା। ୨୦୧୫ରେ ମୋଦୀ ସରକାର ଏମଏମଡିଆର ଆଇନରେ ଐତିହାସିକ ସଂଶୋଧନ ଆଣି ମନମୁଖୀ ଖଣି ବଂଟନ ବନ୍ଦ କଲେ ଏବଂ ସ୍ୱଚ୍ଛ 'ନିଲାମ' ପ୍ରକ୍ରିୟା ବାଧ୍ୟତାମୂଳକ କରି ପାରଦର୍ଶିତା ଆଣିଲେ। ଏଥିସହିତ ଏଡି ଭାଲୋରେମ୍ ରୋୟାଲଟିକୁ ମଧ୍ୟ ୧୦% ରୁ ୧୫% କୁ ବୃଦ୍ଧି କରାଗଲା। ରାଜ୍ୟରେ ଜନହିତକର ଯୋଜନା ପାଇଁ ଡିଏମଏଫ୍ ବ୍ୟବସ୍ଥା ମଧ୍ୟ କରାଗଲା। ଏହି ସ୍ୱଚ୍ଛ ନୀତି ଯୋଗୁଁ ହିଁ ଯେଉଁ ଖଣିଜ ଆୟ ୫,୦୦୦ କୋଟି ଟଙ୍କାରେ ଅଟକିଥିଲା, ତାହା ୧୦ ଗୁଣା ବୃଦ୍ଧି ପାଇ ଆଜି ପ୍ରାୟ ୫୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଡିଏମଏଫ ପାଣ୍ଠି ଜରିଆରେ ଓଡ଼ିଶାକୁ ୩୭,୦୦୦ କୋଟି ଟଙ୍କା ମିଳିଛି।

# ଶିଶୁ ଖାଦ୍ୟନଳୀରୁ ବାହାରିଲା ଧାତବ ପିନ୍

ଭୁବନେଶ୍ୱର,୨୯।୮ (ମହାଭାରତ): ୧୦ ମାସର ଶିଶୁ ଅସାବଧାନତା ଭାବେ ଗିଳି ଦେଇଥିଲା ଧାତବ ପିନ୍। କିମ୍ସ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ପରେ ଶିଶୁଟି ମୃତ୍ୟୁ ମୁହଁରୁ ବଞ୍ଚିଯାଇଛି। ରାଉରକେଲାର ୧୦ ମାସର ଶିଶୁ



ଏକ ଧାତବ ପିନ୍ ଗିଳି ଦେଇଥିଲା। ପିନ୍‌ଟି ଶିଶୁର ଖାଦ୍ୟନଳୀରେ ଅଟକି ରହିଥିଲା। ଶିଶୁଟି ବାରମ୍ବାର ବାନ୍ତି କରିବାରୁ ତାକୁ ତାର ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାରେ ଦେଖାଇଥିଲେ। ବାନ୍ତିର କାରଣ ଜଣାନପଡ଼ିବାରୁ ତାକୁ ୧୮ତାରିଖରେ ସେମାନେ କିମ୍ସରେ ଭର୍ତ୍ତି କରିଥିଲେ। କିମ୍ସ ଡାକ୍ତରମାନେ ବିଭିନ୍ନ ପରୀକ୍ଷା କରିବା ପରେ ଶିଶୁଟିର ଗଳା ତଳକୁ ଖାଦ୍ୟନଳୀର ଉପର ଅଂଶରେ ଏକ ତୀକ୍ଷ୍ଣ ପିନ୍ ଅଟକି ରହିଥିବା ଜାଣିବାକୁ ପାଇଥିଲେ। ପିନ୍‌ଟି ତୀକ୍ଷ୍ଣ ହୋଇ ଥିବାରୁ ଏହାକୁ ଖାଦ୍ୟନଳୀରୁ କାଢ଼ିବା ଡାକ୍ତରଙ୍କ ପାଇଁ ଚ୍ୟାଲେଞ୍ଜ ଥିଲା। ଏହାକୁ ସିଧା ସଳଖ କାଢ଼ିଲେ ଏହା ଖାଦ୍ୟ ନଳୀରେ ଗଭୀର କ୍ଷତ ସୃଷ୍ଟି ସହ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ତେବେ ଖାଦ୍ୟନଳୀରେ କୌଣସି କ୍ଷତ ସୃଷ୍ଟି ନକରି କିପରି ପିନ୍‌ଟିକୁ କଢ଼ାଯିବ ସେ ନେଇ ଡାକ୍ତରୀ ଦଳ ସତର୍କତାର ପ୍ରକ୍ରିୟା ପ୍ରସ୍ତୁତ କରିଥିଲେ। କିମ୍ସ କର୍ଣ୍ଣ-ନାସା-ଗଳା, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ନିଶ୍ଚେତକ ବିଶେଷଜ୍ଞଙ୍କୁ ଗଠିତ ଏକ ଡାକ୍ତରୀ ଦଳ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ ପ୍ରକ୍ରିୟାରେ ପିନ୍‌ଟିକୁ ପେଟକୁ ଆଣିବା ପରେ ସେଠାରୁ ବାହାରକୁ ବାହାର କରିଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୮ (ମହାଭାରତ): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ ଅବଧି ପୁନର୍ବାର ବୃଦ୍ଧି କରାଯାଇଛି । ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଅନୁରୋଧ କ୍ରମେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ ୨୦୨୬ ପାଇଁ ପଞ୍ଜୀକରଣ ଅବଧି ତାରିଖକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲ ହାନିରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ଏହି ବୀମା ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଏହି ତାରିଖକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଅବଧିରେ ଫସଲ ବୀମା ପଞ୍ଜୀକରଣ ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ, ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କେବଳ ଋଣୀ ଚାଷୀମାନଙ୍କ ପାଇଁ ଉପଲବ୍ଧ ହେବ। ମାତ୍ର ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ବୀମା ପଞ୍ଜୀକରଣ ଉପଲବ୍ଧ ହେବ। ୨୦୨୬ ମସିହାର ଖରିଫ ଋତୁ ପାଇଁ ବିଜ୍ଞାପିତ ଅଞ୍ଚଳ ଓ ବିଜ୍ଞାପିତ ଫସଲ ଅନୁଯାୟୀ ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଏବଂ ହଳଦୀ ଭଳି ଫସଲଗୁଡ଼ିକୁ ବୀମା ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ସମସ୍ତ ଯୋଗ୍ୟ ଋଣୀ, ଅଣ-ଋଣୀ ଏବଂ ଭାଗଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଓଡ଼ିଶାର ଚାଷୀମାନେ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ମାଗଣାରେ ଫସଲ ବୀମା ସୁବିଧା ପାଇପାରିବେ। ବ୍ୟାଙ୍କ ଖାତା ଯାଞ୍ଚ ବାବଦକୁ ପ୍ଲଟ୍ ପିଛା ମାତ୍ର ଏକ ଟଙ୍କା ଦେବାକୁ ପଡ଼ିବ। ଚାଷୀଙ୍କ ଭାଗର ପ୍ରିମିୟମ୍ ରାଶି ରାଜ୍ୟ ସରକାର ବହନ କରୁଥିବା ବେଳେ ଭାରତ ସରକାରଙ୍କ ଦ୍ୱାରା ସବସିଡି ସହାୟତା ଯୋଗାଇ ଦିଆଯାଉଛି। ଋଣୀ ଚାଷୀମାନେ ପ୍ୟାକ୍ସ /ଲାମ୍ପସ୍ ଏବଂ ସମ୍ପୃକ୍ତ ବ୍ୟାଙ୍କ ଶାଖା ମାଧ୍ୟମରେ ପଞ୍ଜୀକରଣ କରିବାକୁ ଥିବାବେଳେ ଅଣ-ଋଣୀ ଚାଷୀମାନେ ଜନସେବା କେନ୍ଦ୍ର (ସିଏସସି), ସମବାୟ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଶାଖା, ବୀମା ପ୍ରତିନିଧି ଏବଂ ଅନୁମୋଦିତ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ପଞ୍ଜୀକରଣ କରି ପାରିବେ। ଭାଗଚାଷୀମାନେ ମଧ୍ୟ ନିଜେ ଚାଷ କରୁଥିବା ଜମିର ମାଲିକଙ୍କ ସ୍ୱୀକାରୋକ୍ତି/ସମ୍ମତି ସହିତ ଆବଶ୍ୟକ ତଥ୍ୟ ପ୍ରଦାନ କରି ପିଏମଏଫବିୱାଇରେ ପଞ୍ଜୀକରଣ କରାଇପାରିବେ। ଆବଶ୍ୟକ ସହାୟତା ପାଇଁ ଚାଷୀମାନେ ନିକଟସ୍ଥ ପ୍ୟାକ୍ସ /ଲାମ୍ପସ୍ , ଏଆରସିଏସ୍ , ଡିଆରସିଏସ୍ , ସିଡିଏଓ କାର୍ଯ୍ୟାଳୟ କିମ୍ବା ସ୍ୱୀକୃତିପ୍ରାପ୍ତ ବୀମା ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯେଉଁ ଯୋଗ୍ୟ ଚାଷୀମାନେ ଏପର୍ଯ୍ୟନ୍ତ ଫସଲ ପଞ୍ଜୀକରଣ କରିନାହାଁନ୍ତି, ସେମାନେ ଏହି ବର୍ଦ୍ଧିତ ସମୟସୀମା ତଥା ଅଗଷ୍ଟ ୩୧ ସୁଦ୍ଧା ପଞ୍ଜୀକରଣ କରିବାକୁ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ବିଶ୍ୱ ବିଦ୍ୟାଳୟର ଖାଲି ପଦବୀ ଯଥାଶୀଘ୍ର ପୂରଣ ହେବ

ଭୁବନେଶ୍ୱର,୨୯।୮ (ମହାଭାରତ): ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପିଜି କାଉନସିଲ ଅଧ୍ୟକ୍ଷମାନଙ୍କୁ ନେଇ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟାବଳୀ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ବିଶ୍ୱ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବୀଗୁଡ଼ିକୁ ଖୁବଶୀଘ୍ର ପୂରଣ କରାଯିବା ଉପରେ ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି।ନିଯୁକ୍ତି ପ୍ରକ୍ରିୟା ପାଇଁ ବିଷୟ ଭିତିକ ଚୟନ କମିଟି ଗଠନ ଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀ ସମସ୍ତ କୁଳପତିମାନଙ୍କ ସହ ଆଲୋଚନା କରିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ



ଶିକ୍ଷା ନୀତି-୨୦୨୦ ଲାଗୁ ହେବା ପରେ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଏବଂ ବିଶ୍ୱ ବିଦ୍ୟାଳୟମାନଙ୍କରେ ଏହାର କାର୍ଯ୍ୟକାରିତାକୁ ନେଇ ଆଜିର ବୈଠକରେ ଆଲୋଚନା କରାଯାଇଥିଲା। ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଇଂଟର୍ନସିପ୍ ସୁଯୋଗ ପ୍ରଦାନ କରିବା ଏବଂ ଆପରେଂଟିସିପ୍ ଏମବେଡେଡ ଡିଗ୍ରୀ ପ୍ରୋଗ୍ରାମ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଆପରେଂଟିସିପ୍ ପ୍ରଦାନ କରିବା, ଆଗାମୀ ଦିନରେ ଅଧିକରୁ ଅଧିକ ପାଠ୍ୟକ୍ରମରେ ଇରଉଚକୁ ଲାଗୁ କରିବା, ବିଶ୍ୱ ବିଦ୍ୟାଳୟମାନଙ୍କରେ ଉଚ୍ଚକୋଟୀର ଗବେଷଣାକୁ ପ୍ରୋତ୍ସାହନ ଦେବା, ସେଣ୍ଟର ଅଫ୍ ଏକ୍ସିଲେନ୍ସର ସ୍ଥାପନ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା।

ସମସ୍ତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ। କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଏବଂ ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧୀୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତିକରଣ, ଭାରତୀୟ ଶିକ୍ଷା ପ୍ରଣାଳୀ ସହ ଆଧୁନିକ ପାଠ୍ୟକ୍ରମର ସଂଯୋଗୀକରଣ ଆଦିକୁ ନେଇ ଆଲୋଚନା କରାଯାଇଥିଲା। ଏଥିସହ ବିଶ୍ୱ ବିଦ୍ୟାଳୟରେ ପିଏଚଡ଼ି ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯେପରି ନୂତନ ଓ ସମୟସାମୟିକ ବିଷୟବସ୍ତୁକୁ ନେଇ ଉଚ୍ଚକୋଟୀର ଗବେଷଣା କରିବେ, ସେଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ। ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ପିଏମ୍-ଉଷା ଯୋଜନାର କାର୍ଯ୍ୟକାରିତାର ଅଗ୍ରଗତିକୁ ନେଇ ସମୀକ୍ଷା କରାଯାଇଥିଲା। ଏଥିସହ ଛାତ୍ରୀମାନଙ୍କର ସଶକ୍ତିକରଣ ପାଇଁ ଶକ୍ତିଶ୍ରୀ ଯୋଜନା କାର୍ଯ୍ୟକାରୀ ହେବା, ଆଭ୍ୟନ୍ତରଣ କମିଟିର ପରିଚାଳନା, ବିଶ୍ୱ ବିଦ୍ୟାଳୟରେ ସିନେଟ୍ ଗଠନ ହେବା ଏବଂ ସିନେଟର ବୈଠକ ଅନୁଷ୍ଠିତ ହେବା ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

# ସୋଆ ପକ୍ଷରୁ ସଂକ୍ରମଣ ନିୟନ୍ତ୍ରଣ ରଣନୀତି କର୍ମଶାଳା

ଭୁବନେଶ୍ୱର,୨୯।୮ (ମହାଭାରତ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଡାକ୍ତରଖାନାରେ ସଂକ୍ରମଣ ନିୟନ୍ତ୍ରଣର ଆଧୁନିକ ରଣନୀତି ସମ୍ପର୍କରେ ଏକ କର୍ମଶାଳା ଗତ ସୋମବାର ଆୟୋଜିତ ହୋଇଯାଇଛି। ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ହସ୍ପିଟାଲ ଆଡମିନିଷ୍ଟ୍ରେସନ୍ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାର ଶୀର୍ଷକ ରହିଥିଲା 'ବ୍ରେକିଂ ଦ ଚେନ୍: ମଡର୍ଣ୍ଣ ଇନଫେକ୍ସନ କଂଟ୍ରୋଲ୍ ଷ୍ଟ୍ରାଟେଜିଜ୍ ଫର୍ ସେଫର୍ ହସ୍ପିଟାଲ୍ସ'। ସଂକ୍ରମଣର ପ୍ରତ୍ୟେକ ସ୍ତରକୁ ଚିହ୍ନଟ କରି ତାହାକୁ ରୋକିବା ସହ ହସ୍ପିଟାଲଗୁଡ଼ିକ କିପରି ବ୍ୟବସ୍ଥିତ ଭାବେ ସଂକ୍ରମଣକୁ ରୋକିପାରିବେ ସେ ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ସଂକ୍ରମଣ ନିୟନ୍ତ୍ରଣ କେବଳ ମାଇକ୍ରୋବାୟୋଲୋଜିଷ୍ଟଙ୍କ ଦାୟିତ୍ୱ ନୁହେଁ, ବରଂ ହସ୍ପିଟାଲ ପ୍ରଶାସନ, ଡାକ୍ତର, ନର୍ସ, ସହାୟକ କର୍ମଚାରୀ ଏବଂ ରୋଗୀ ସେବା ସହ ଜଡ଼ିତ




ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଦାୟିତ୍ୱ ବୋଲି କର୍ମଶାଳାରେ ମତ ରଖାଯାଇଥିଲା। କର୍ମଶାଳାର ବୈଷୟିକ ଅଧିବେଶନରେ ବିଶିଷ୍ଟ ସଂକ୍ରମଣ ନିୟନ୍ତ୍ରଣ ବିଶେଷଜ୍ଞ, ସମ୍ ଅଲ୍ଟିମେଟ୍ ମେଡିକେୟାରର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ତଥା ହସ୍ପିଟାଲ ଇନଫେକ୍ସନ କଂଟ୍ରୋଲର ଅଫିସର ଡକ୍ଟର ପୁରବୀ ବରାଳ ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଇନଫେକ୍ସନ ପ୍ରିଭେନସନ୍ ଆଣ୍ଡ କଂଟ୍ରୋଲର ଅଫିସର, ବାୟୋ-ସେଫ୍‌ଟି ଅଫିସର ତଥା ମାଇକ୍ରୋବାୟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରଜ୍ଞା ପି. ଜେନା ଆଧୁନିକ ସଂକ୍ରମଣ ନିୟନ୍ତ୍ରଣ ପଦ୍ଧତି ଓ ସଂକ୍ରମଣର ଶୃଙ୍ଖଳାକୁ ଭାଙ୍ଗିବାର ବିଭିନ୍ନ ରଣନୀତି ସଂପର୍କରେ ଅଭିଜ୍ଞତା ବାଂଟିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଆୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏମ୍‌ଏଚ୍‌ଏ ପ୍ରୋଗ୍ରାମ୍ ତଥା କର୍ମଶାଳା ସଂଯୋଜକ ଡକ୍ଟର ପ୍ରୀତି ୱାଇ. ଷଡ଼ଙ୍ଗୀ କର୍ମଶାଳାର ବିଷୟବସ୍ତୁ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ମାଇକ୍ରୋବାୟୋଲୋଜି, ସଂକ୍ରମଣ ନିୟନ୍ତ୍ରଣ ଏବଂ ହସ୍ପିଟାଲ ପରିଚାଳନା ମଧ୍ୟରେ ସମନ୍ୱୟ ରହିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କର୍ମଶାଳାରେ ସ୍ୱଚ୍ଛତା, ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ), ପୃଥକୀକରଣ, ପରିବେଶ ସଫେଇ, ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା, ହସ୍ପିଟାଲରେ ସୃଷ୍ଟ ସଂକ୍ରମଣ, ସଂକ୍ରମଣ ନିରୀକ୍ଷଣ ଏବଂ ଆଂଟିମାଇକ୍ରୋବାୟାଲ୍ ପ୍ରତିରୋଧ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ସୁରକ୍ଷିତ ହସ୍ପିଟାଲ ପରିବେଶ ସୃଷ୍ଟି ପାଇଁ ବହୁମୁଖୀ ଓ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା।

# ଖରିଫ ଧାନ ସଂଗ୍ରହ ପଞ୍ଜିକରଣ ତ୍ୱରାନ୍ୱିତ

ଭୁବନେଶ୍ୱର,୨୯।୮ (ମହାଭାରତ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସାଢେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଲେଣି । ଏହି ପଞ୍ଜିକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପଞ୍ଜିକରଣ ପ୍ରକ୍ରିୟା ଅବଧି ଶେଷ ହେବାକୁ ଯାଉଥିବାରୁ ଅଧିକ ଚାଷୀ ପଞ୍ଜିକରଣ କରୁଥିବା ଦୃଷ୍ଟିକୁ ଆସିଛି । ଏଥି ନିମନ୍ତେ ଚାଷୀ ପଞ୍ଜିକରଣ ପାଇଁ ପ୍ରାଥମିକ କୃଷି ସମବାୟ ସମିତି, ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଏବଂ ପାଣି ପଂଚାୟତରେ ପଞ୍ଜିକରଣ କରାଯାଉଛି । ଏଥିରେ ପଞ୍ଜିକରଣ ପାଇଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଏବେ ଦୈନିକ ପ୍ରାୟ ଏକ ଲକ୍ଷ ଚାଷୀ ପଞ୍ଜିକରଣ କରୁଥିବା ଲକ୍ଷ୍ୟ କରାଯାଉଛି। ବର୍ତ୍ତମାନ ଏହି ପଞ୍ଜିକରଣ ପ୍ରକ୍ରିୟା ସମସ୍ତ ଜିଲ୍ଲାରେ ଜାରି ରହିଛି । ବରଗଡ଼ ଜିଲ୍ଲାରେ ପ୍ରାୟ ୬୦ ହଜାର ଚାଷୀ ପଞ୍ଜିକରଣ କରିଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୪୩ ହଜାର, କଳାହାଣ୍ଡିରେ ୪୦ ହଜାର ଓ ପୁରୀ ଜିଲ୍ଲାରେ ପ୍ରାୟ ୨୪ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ୨୯୦୭ଟି ପ୍ୟାକ୍ସ ଓ ୪ଟି ପାଣି ପଂଚାୟତରେ ଏହି ପଞ୍ଜିକରଣ କାର୍ଯ୍ୟ ଜାରି ରହିଛି ।

ସଂପୃକ୍ତ ପ୍ୟାକ୍ସଗୁଡ଼ିକରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଏହି ସମୟରେ ଚାଷୀମାନଙ୍କ ଆଧାର ନମ୍ବର, ମୋବାଇଲ ନମ୍ବର, ପି-ପାସ୍ ମାଧ୍ୟମରେ ଦାଖଲ କରି ପଞ୍ଜିକରଣ ପ୍ରକ୍ରିୟା ଶେଷ କରାଯାଉଛି ଏବଂ ବିନା ଶୁଳ୍କରେ ଚାଷୀମାନଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ କରାଯାଉଛି। ପଞ୍ଜିକରଣ ବେଳେ ପ୍ରଦତ ତଥ୍ୟକୁ ନିର୍ଭୁଲ କରିବା ପାଇଁ ଚାଷୀଙ୍କ ଉପସ୍ଥିତିରେ ପଞ୍ଜିକରଣ ସଂପନ୍ନ କରାଯାଉଛି । ଚଳିତ ବର୍ଷର ବ୍ୟବସ୍ଥା ଅନୁଯାୟୀ ଚାଷୀମାନଙ୍କୁ ସମିତିର କର୍ମଚାରୀ ମାନେ ନିଜ ପାଖରେ ବସାଇ ପଞ୍ଜିକରଣ କାର୍ଯ୍ୟ କରାଉଛନ୍ତି ଯାହାଦ୍ୱାରା ଦାଖଲ ହେଉଥିବା ସମସ୍ତ ତଥ୍ୟ ଚାଷୀମାନେ ଜାଣି ପାରୁଛନ୍ତି । ପଞ୍ଜିକରଣ ବେଳେ ସୋସାଇଟି ମାନଙ୍କରେ ସହାୟତା କେନ୍ଦ୍ର ଖୋଲାଯାଇ ଆବେଦନାକାରୀଙ୍କୁ ଯଥାଯଥ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯାଉଛି। ଏଥି ସହ ଭାଗଚାଷୀ ହୋଇଥିଲେ ଜମି ମାଲିକଙ୍କ ଆଧାର ନମ୍ବର, ନାମ, ମୋବାଇଲ୍ ନମ୍ବର, ପି-ପାସ୍ ଆବେଦନ ଫର୍ମରେ ଉଲ୍ଲେଖ କରାଯିବା ସହ ଜମି ମାଲିକଙ୍କ ସମ୍ମତି ପତ୍ର ଅପ୍‌ଲୋଡ୍ କରାଯାଉଛି ।

# ନେକ୍ସସ ଏସପ୍ଲାନେଡ଼ରେ ଆନ୍ତର୍ଜାତୀୟ ଯୁବ ଦିବସ

ଭୁବନେଶ୍ୱର,୨୯।୮ (ମହାଭାରତ): ନେକ୍ସସ ଏସପ୍ଲାନେଡ଼, ସହରର ସବୁଠାରୁ ଅଗ୍ରଣୀ ଲାଇଫଷ୍ଟାଇଲ ଏବଂ ସପିଙ୍ଗ ଗନ୍ତବ୍ୟସ୍ଥଳ, ଆସନ୍ତା ୨୯ ଅଗଷ୍ଟରେ "ବିୟଣ୍ଡ ଦି ସ୍କ୍ରିନ-ରିକ୍ଲେମିଙ୍ଗ ରିୟଲ କନେକ୍ସନ୍ସ" ଅର୍ଥାତ୍ ପରଦାରୁ ଦୂରରେ ରହି – ବାସ୍ତବ ସମ୍ପର୍କର ପୁନରୁଦ୍ଧାର ବିଷୟବସ୍ତୁକୁ ନେଇ ଏହି ଆନ୍ତର୍ଜାତୀୟ ଯୁବ ଦିବସ ମହାଆଡ଼ମ୍ବ ସହିତ ପାଳିତ ହେବ। ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଡ଼ିଜିଟାଲ ପରଦାରୁ କିଛି ସମୟ ଦୂରେଇ ରଖି ବାସ୍ତବ ଜୀବନର ଅନୁଭୂତି, କଥାବାର୍ତ୍ତା ଏବଂ ଆଲୋଚ୍ନା ମାଧ୍ୟମରେ ପରସ୍ପର ସହ ଯୋଡ଼ି ହେବାକୁ ଉତ୍ସାହିତ କରିବ।

ଏହି ସାଂସ୍କୃତିକ ସନ୍ଧ୍ୟାରେ ବ୍ୟାଣ୍ଡ ପ୍ରଦର୍ଶନ, ନୃତ୍ୟକଳା, ବିଷୟବସ୍ତୁ ଭିତ୍ତିକ ନାଟକ, ଦର୍ଶକମାନଙ୍କ ସହ ଭାବବିନିମୟ, ଖେଳ ଏବଂ ପୁରସ୍କାର ବିତରଣ ଭଳି ଅନେକଗୁଡ଼ିଏ ଲାଇଭ କାର୍ଯ୍ୟକ୍ରମ ରହିଛି, ଯାହା ଛାତ୍ରଛାତ୍ରୀ ଏବଂ ଆଗନ୍ତୁକ ଅତିଥିମାନଙ୍କ ପାଇଁ ଏକ ମନୋରଞ୍ଜନଧର୍ମୀ ଅନୁଭୂତି ସୃଷ୍ଟି କରିବ। କେବଳ ମନୋରଞ୍ଜନ ନୁହେଁ, ଏହି ମଞ୍ଚ ଯୁବ ପ୍ରତିଭାମାନଙ୍କୁ ବାସ୍ତବ ସମ୍ପର୍କର ଗୁରୁତ୍ୱ ଉପରେ ନିଜ ଚିନ୍ତାଧାରା ପ୍ରକାଶ କରିବା ସହ ଏଭଳି ଏକ ସନ୍ଦେଶକୁ ଅତି ନିଆରା ଏବଂ ଆକର୍ଷଣୀୟ ଢ଼ଙ୍ଗରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚାଇବାର ସୁଯୋଗ ଦେବ। ଏହା କେବଳ ଗୋଟିଏ ଉତ୍ସବ ନୁହେଁ, ବରଂ ଯୁବପିଢ଼ିଙ୍କୁ ସେମାନଙ୍କ ଫୋନଗୁଡ଼ିକୁ କିଛି ସମୟ ପାଇଁ ପାଖରେ ରଖି ନୂଆ ଲୋକଙ୍କୁ ଭେଟିବା, ଲାଇଭ ପ୍ରଦର୍ଶନର ଆନନ୍ଦ ନେବା ଏବଂ ବିଭିନ୍ନ କାର୍ଯ୍ୟକଳାପରେ ଏକାଠି ଭାଗ ନେବାର ସୁଯୋଗ ପ୍ରଦାନ କରୁଛି। ନେକ୍ସସ ଏସପ୍ଲାନେଡ଼ର ମୂଳ ଲକ୍ଷ୍ୟ ହେଉଛି ବାସ୍ତବ ସମ୍ପର୍କର ଏହି ଆଲୋଚ୍ନାକୁ ପ୍ରାସଙ୍ଗିକ, ସକାରାତ୍ମକ ଏବଂ ସହଜବୋଧ କରିବା ସହିତ ପରିବାର, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଦର୍ଶକମାନଙ୍କୁ ବାସ୍ତବ ଦୁନିଆରେ ପରସ୍ପର ସହ ଅଧିକ ସମୟ ବିତାଇବାକୁ ପ୍ରୋତ୍ସାହିତ କରିବା।

# ଓଡ଼ିଶାର ଏସଆଇଆର ମଡେଲକୁ ଗ୍ରହଣ କରିବ ମହାରାଷ୍ଟ୍ର

ଭୁବନେଶ୍ୱର,୨୯।୮ (ମହାଭାରତ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ସଫଳ କାର୍ଯ୍ୟାନ୍ୱୟନ ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ୍. ଗୋପାଳନ ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଅଭିଜ୍ଞତା ବାଂଟିଛନ୍ତି। ମହାରାଷ୍ଟ୍ର ସିଇଓ ଶ୍ରୀ ଏସ୍. ଚୋକାଲିଙ୍ଗମ୍ ଙ୍କ ନିମନ୍ତ୍ରଣ କ୍ରମେ ମୁମ୍ବାଇ ଗସ୍ତ କରି ଶ୍ରୀ ଗୋପାଳନ ମୁମ୍ବାଇ ମହାନଗର ନିଗମର ୪ ଜଣ ଅତିରିକ୍ତ ପୌର ଆୟୁକ୍ତ, ୫ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଆଲୋଚନା ଚକ୍ରରେ ଓଡ଼ିଶାରେ ସଫଳତାପୂର୍ବକ ସମ୍ପାଦିତ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଯୋଜନା, ସମୀକ୍ଷା ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି



ନିର୍ବାଚକମାନଙ୍କର ସଠିକ୍ ମ୍ୟାପିଂ, କ୍ଷେତ୍ର ସ୍ତରୀୟ ସମନ୍ୱୟ, ପ୍ରଯୁକ୍ତିବିଦ୍ୟା ଆଧାରିତ ମନିଟରିଂ, ନୋଟିସ୍ ଜାରି, ଶୁଣାଣି ଏବଂ ମାମଲାର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ଉପରେ ଓଡ଼ିଶା ସିଇଓ ଶ୍ରୀ ଗୋପଳନ ଆଲୋକପାତ କରିଥିଲେ। ଶ୍ରୀ ଗୋପାଳନ ଜଣାଇଥିଲେ ଯେ ଓଡ଼ିଶା ମଡେଲ୍ ରେ ତଥ୍ୟ ଆଧାରିତ ମନିଟରିଂ ଏବଂ ପ୍ରତ୍ୟେକ ସ୍ତରରେ ଉତରଦାୟିତ୍ୱ ନିର୍ଦ୍ଧାରଣକୁ ପ୍ରାଥମିକତା ଦିଆଯାଇଥିଲା। ବୁଥ୍ ଏବଂ ବିଏଲ୍‌ଓ ସ୍ତରରେ ମ୍ୟାପିଂ ଅଗ୍ରଗତିର ନିରନ୍ତର ସମୀକ୍ଷା କରାଯିବା ସହ କମ୍ ପ୍ରଦର୍ଶନ କରୁଥିବା ଅଂଚଳଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା। ଏହାବାଦ୍ ସାଧାରଣ ନାଗରିକଙ୍କ ସୁବିଧା ଏବଂ ସ୍ୱିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରି ଭୋଟରଙ୍କ ସହଭାଗିତା ବୃଦ୍ଧି କରାଯାଇଥିଲା। ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ସଂଶୋଧନ ପ୍ରକ୍ରିୟାରେ ନାଗରିକଙ୍କ ସହଭାଗିତାକୁ ସହଜ କରିବା ଏବଂ ଯୋଗ୍ୟ ନାଗରିକମାନଙ୍କୁ ନିଜ ଭୋଟର ତାଲିକାର ବିବରଣୀ ଯାଂଚ ଓ ଅଦ୍ୟତନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀ ଗୋପାଳନ ଓଡ଼ିଶାରେ ବର୍ତମାନର ଭୋଟର ତାଲିକାକୁ ପୂର୍ବ ଭୋଟର ତାଲିକା ସହିତ ମ୍ୟାପିଂ କରିବାର ପଦ୍ଧତି ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଥିଲେ। ଏଥିରେ ମ୍ୟାପ୍ ହୋଇଥିବା, ମ୍ୟାପ୍ ହୋଇନଥିବା ଏବଂ ଅସଙ୍ଗତି ଥିବା ମାମଲାଗୁଡ଼ିକୁ ସୁସଂଗଠିତ ଭାବେ ଚିହ୍ନଟ କରାଯାଉଥିବା ବିଷୟରେ ସେ ସୂଚନା ଦେଇଥିଲେ। ବୁଥ୍ ୱାରୀ ଓ ବିଏଲ୍‌ଓ ୱାରୀ ମ୍ୟାପିଂ ପ୍ରଗତିର ନିରନ୍ତର ତଦାରଖ, କମ୍ ପ୍ରଗତି ହେଉଥିବା ଅଂଚଳରେ ସ୍ୱତନ୍ତ୍ର ହସ୍ତକ୍ଷେପ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟରେ ତଥ୍ୟଭିତିକ ମନିଟରିଂ ଓ ସ୍ପଷ୍ଟ ଉତରଦାୟିତ୍ୱ ଓଡ଼ିଶା ମଡେଲ୍ ର ମୁଖ୍ୟ ବୈଶିଷ୍ଟ୍ୟ ବୋଲି ସେ କହିଥିଲେ। ସେହିପରି, ଏସ୍‌ଆଇଆର ର ନୋଟିସ୍ ଓ ଶୁଣାଣି ପର୍ଯ୍ୟାୟ ସମ୍ପର୍କରେ ମଧ୍ୟ ଶ୍ରୀ ଗୋପାଳନ ବିସ୍ତୃତ ସୂଚନା ଦେଇଥିଲେ।

# ମୃତ୍ୟୁଦଣ୍ଡର ତରିକା

ଗତ ବର୍ଷ ସୁପ୍ରିମକୋର୍ଟରେ ଭିନ୍ନ ଏକ ମାମଲାର ଶୁଣାଣୀ ବେଳେ ମୃତ୍ୟୁଦଣ୍ଡର ତରିକା ନେଇ ମତ ବିନିମୟ ହୋଇଥିଲା। ମୃତ୍ୟୁ ଦଣ୍ଡ କାର୍ଯ୍ୟକାରୀ କରିବାକୁ ହେଲେ କେବଳ ଫାଶୀ ନୁହେଁ, ଅନେକ ବିକଳ୍ପ ବ୍ୟବସ୍ଥା ହୋଇପାରେ। ଦଣ୍ଡାଦେଶ ପାଇଥିବା ବ୍ୟକ୍ତି ଉପରେ ଏହାକୁ ଛାଡ଼ିଦିଆଯିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। କିନ୍ତୁ କେନ୍ଦ୍ର ସରକାର ତାଙ୍କ ମତ ରଖି ଫାଶୀ ବ୍ୟତିତ ଅନ୍ୟ କୌଣସି ବିକଳ୍ପ ମୃତ୍ୟୁ ଦଣ୍ଡାଦେଶର କାର୍ଯ୍ୟକାରୀତା ସମ୍ଭବ ନୁହେଁ ବୋଲି କହିଥିଲେ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି କେନ୍ଦ୍ର ସରକାଚାହିଁବେ ତେବେ ମୃତ୍ୟୁ ଦଣ୍ଡର ବିକଳ୍ପ ବ୍ୟବସ୍ଥା ହୋଇପାରିବ। ଦଣ୍ଡାଦେଶ ପାଇଥିବା ବ୍ୟକ୍ତିକୁ ତାଙ୍କର ଇଚ୍ଛାନୁଯାୟୀ ମୃତ୍ୟୁ ମିଳିବା ଉଚିତ। କହିବା ବାହୁଲ୍ୟ ଯେ, ମୃତ୍ୟୁଦଣ୍ଡ ବା ଫାଶୀକୁ ନେଇ ଅନେକ ବର୍ଷ ହେବ ବିତର୍କ ଚାଲିଛି। ଫାଶୀ ଦଣ୍ଡ ବ୍ୟବସ୍ଥାକୁ ଉଠାଇଦେବା ପାଇଁ ଅନେକ ମାନବାଧିକାର ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଦାବି କରି ଆସୁଛନ୍ତି। ଏହା ଏକ ବର୍ବରତା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ପୃଥିବୀର ଅନେକ ଦେଶ ମୃତ୍ୟୁଦଣ୍ଡକୁ ପ୍ରତ୍ୟାହାର କରିଛନ୍ତି। ଭାରତରେ ଏହା କାଏମ ରହିଛି ସତ, ମାତ୍ର ଖୁବ କମ ଅପରାଧିଙ୍କୁ ଏହି ଦଣ୍ଡ ମିଳୁଛି। କେବଳ ବିରଳରୁ ବିରଳତମ ଅପରାଧ କ୍ଷେତ୍ରରେ ଏହି ଦଣ୍ଡାଦେଶ ଦିଆଯାଉଛି। ସବୁ ହତ୍ୟା ମାମଲାରେ ଆଇପିସିର ଦଫା ୩୦୨ ଲାଗୁଛି। କିନ୍ତୁ ସବୁ ବେଳେ ୩୦୨ ଲାଗିଲେ ଫାଶୀ ହେବ ବୋଲି କୁହାଯାଇପାରିବ ନାହିଁ। ସେଠାରେ ହତ୍ୟାକାଣ୍ଡ ଏକ ଆକସ୍ମିକ ପ୍ରତିକ୍ରିୟା ନା ସୁପରିକଳ୍ପିତ ଷଡ଼ଯନ୍ତ୍ର ବା କୋଲ୍ଡ ବ୍ଲଡେଡ ମର୍ଡର ସେ ସମ୍ପର୍କରେ କୋର୍ଟ ତର୍ଜମା କରୁଛନ୍ତି। ପୁଣି ହତ୍ୟାର ଉଦ୍ଦେଶ୍ୟ, ବର୍ବରତା ସମ୍ପର୍କରେ ମଧ୍ୟ ତର୍ଜମା କରାଯାଉଛି। ଯଦି ହତ୍ୟାର ପଛରେ ଦେଶବିରୋଧୀ ଷଡ଼ଯନ୍ତ୍ର ରହିଥାଏ ତେବେ ଏହାକୁ ଏକ ବିରଳ ଅପରାଧ ବୋଲି ବିବେଚନା କରାଯିବ। ଯଦି ଏକ ବା ଏକାଧିକ ଶୁଶୁ, ମହିଳାଙ୍କୁ ଅତି ନିର୍ମମ ବା ବର୍ବରଭାବେ ହତ୍ୟା କରାଯାଇଥିବ ତେବେ ତାହା ମଧ୍ୟ ଏକ ବିରଳ ମାମଲା ବୋଲି ବିଚାର କରାଯିବ। ଜଣଙ୍କୁ ଗୁଳି କରି ହତ୍ୟା କରିବା ଏବଂ ହାତକୁ ପଛରେ ବାନ୍ଧି ଗଳାକାଟି ଛଟପଟ କରି ମାରିବା ଭିତରେ ଅନେକ ତଫାତ ରହିଛି। ଏସବୁ ବିଷୟକୁ ବିଚାର କରି କୋର୍ଟ ଅଭିଯୁକ୍ତକୁ ଫାଶୀ ନଚେତ ଆଜୀବନ କାରାଦଣ୍ଡାଦେଶ ଦିଅନ୍ତି। ଅନେକ ଅଭିଯୁକ୍ତ ତଳ କୋର୍ଟରେ ଫାଶୀ ଦଣ୍ଡାଦେଶ ପାଇଥିଲେ ମଧ୍ୟ ଉପରକୋର୍ଟରେ ଏଥିରୁ ମୁକ୍ତି ପାଇଯାଆନ୍ତି ବା ଦଣ୍ଡ କୋହଳ କରାଯାଇଥାଏ। ଅନେକ ଅଭିଯୁକ୍ତ ଜେଲରେ ୮/୧୦ ବର୍ଷ ରହିବା ସତ୍ତ୍ୱେ ସେମାନଙ୍କ ବିଚାର ପ୍ରକ୍ରିୟା (ସୁପ୍ରିମକୋର୍ଟ ପର୍ଯ୍ୟନ୍ତ) ଶେଷ ହୋଇନଥାଏ। ସେଭଳି କ୍ଷେତ୍ରରେ କୋର୍ଟ ଫାଶୀ ଦଣ୍ଡାଦେଶକୁ ଆଜୀବନ ଜେଲରେ ପରିବର୍ତ୍ତନ କରିବାର ନଜିର ରହିଛି। ଭାରତୀୟ ଦଣ୍ଡବିଧି ଆଇନର ମୂଳ ନୀତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ, ଜଣେ ନିର୍ଦ୍ଦୋଷ କିନ୍ତୁ ଦଣ୍ଡନପାଉ। ଏଥିପାଇଁ ଅଭିଯୁକ୍ତଙ୍କ ବିରୋଧରେ ଶତ ପ୍ରତିଶତ ପ୍ରମାଣ ନମିଳିଲେ କୋର୍ଟ ବେନିଫିଟ ଅଫ ଡାଉଟ ଆଧାରରେ ଅଭିଯୁକ୍ତଙ୍କୁ ଖଲାସ କରନ୍ତି। ମୋଟ ଉପରେ ଭାରତରେ ହତ୍ୟା ମାମଲା ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ଫାଶୀ ବା ମୃତ୍ୟୁ ଦଣ୍ଡ ଖୁବ କମ ଦେଖିବାକୁ ମିଳିଥାଏ। ଅଭିଯୁକ୍ତ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲଢ଼ନ୍ତି। ତା ପରେ ରାଜକ୍ଷମା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବାର ନଜିର ମଧ୍ୟ ରହିଛି। ତେଣୁ ଭାରତରେ ସହଜରେ ଜଣେ ଅପରାଧିକୁ ଫାଶୀ ଦଣ୍ଡ ମିଳିନଥାଏ। ଜଣେ ଅପରାଧି ଯଦି ଜେଲରେ ରହିବା ପରେ ତାଙ୍କ ଆଚାରବିଚାରରେ ସୁଧାର ଆସେ ତେବେ କୋର୍ଟ ଏହାକୁ ବିଚାର କରି ଦଣ୍ଡ କୋହଳ କରନ୍ତି। କିନ୍ତୁ କେତେକ ଦେଶରେ ଅତି ସାଧାରଣ ଅପରାଧ ପାଇଁ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯିବାର ନଜିର ରହିଛି। କମ୍ୟୁନିଷ୍ଟ ଦେଶରେ ଏହା ଅଧିକ ଦେଖାଯାଇଥାଏ।

# ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

> ମିଳେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଳେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,

# ନିଶ୍ୱାସରେ ବିଷ : ଘାତକ ପବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି ? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି ? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି।

କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ନିର୍ଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ ହୋଇପାରେ।

ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ।

ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା।

କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ।

ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ।

# "ନିମୋନିଆକୁ ରୋକିବା ପାଇଁ ସଂଗ୍ରାମକୁ ଚମ୍ପିଆନ କରିବା'

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମ୍ନ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱାଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମ୍ନ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱାଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, କ୍ଲେବସିଲା, ଇ.କୋଲି ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମ୍ନ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମ୍ନରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ 'ଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, 'କୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଗଜପତି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟିଯାଇଛି। ହୁତୁହୁତୁ ହୋଇ ଜଳି ଗଲା କମ୍ପ୍ୟୁଟର ପ୍ରକୋଷ୍ଠ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ସଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।ଅଗ୍ନିଶମ ବିଭାଗ ଆସି ନିଆଁ କୁ ଆୟତ୍ତ କରିଥିବା ଜଣା ପଡ଼ିଛି।

## ଇଣ୍ଡିଆ ବୁକଅପ ରେକର୍ଡ ୨୦୨୬ରେ ସ୍ଥାନ ପାଇଲେ ଆଶୁତୋଷ ବାରିକ

ଆଳି, (ମହାଭାରତ) : ଯେଉଁ ବୟସରେ ଶିଶୁ ଟି ଖେଳବୁଲ କରିବା କଥା ସେହି ବୟସରେ ସେ ନିଜର ପ୍ରଖର ସ୍ମରଣ ଶକ୍ତିର ଉପଯୋଗ କରି ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ରେ ସାମିଲ ହୋଇ ପାରିଛନ୍ତି ଗୋଟିକ ପରେ ଗୋଟିଏ ପ୍ରଶ୍ନର ପ୍ରାଞ୍ଜଳ ଭାବେ ଉତ୍ତର ରଖି ସେ ଏବେ ଏଭଳି ଏକ ପଦବୀ ହାସଲ କରିଛନ୍ତି । ଏତେ କମ ବୟସରୁ ଏଭଳି ପ୍ରତିଭାବାନ ଶିଶୁଙ୍କ ପାଇଁ ପରିବାର ସମେତ ନିଆଳ ପଞ୍ଚାୟତ ପାଇଁ ଗର୍ବ ପାଲଟିଛନ୍ତି । ଆଳି ବ୍ଲକ ନିଆଳ ପଞ୍ଚାୟତ ବଅଡିହ ଗ୍ରାମର ଆଲୋକ ବାରିକ ଓ ମୋନାଲିସା ବାରିକଙ୍କ ତିନି ବର୍ଷର ପୁଅ ଆଶୁତୋଷ ବାରିକ ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ମେଧା ଅନେଶ୍ୱଣ କାର୍ଯ୍ୟକ୍ରମରେ ଭାଗନେଇ ସଫଳତା ହାସଲ କରିବା ପରେ ପରିବାର ସମେତ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ନିଜସ୍ୱ ୱେବସାଇଟ ପକ୍ଷରୁ ଅନୁଷ୍ଠିତ ଏହି ମେଧା ଅନ୍ୱେସ୍ୱଣ କାର୍ଯ୍ୟକ୍ରମରେ ଆଶୁତୋଷ ଭାଗନେଇ ନିରବଛିନ ଭାବେ ୩୨ ପ୍ରକାର ପଶୁର ନାମ, ୨୪ ପ୍ରକାର ପକ୍ଷୀ, ୧୯ ପ୍ରକାର ଗାଡି,୨୦ ପ୍ରକାର ଫଳ, ୨୬ ପ୍ରକାର ପନିପରିବା, ଶରୀରରେ ଥିବା ୨୬ ଟି ଅଙ୍ଗପ୍ରତ୍ୟେଙ୍ଗ, ୨୨ ପ୍ରକାର ଖାଦ୍ୟ, ସହିତ ଦିନ, ବାର, ସପ୍ତାହ, ମାସ, ବର୍ଷ, ଋତୁ ଭଳି ସାଧାରଣ ଜ୍ଞାନର ଉତ୍ତର ପ୍ରାଞ୍ଜଳ ଭାବେ ଦେଇ ସଫଳତା ହାସଲ କରିଛନ୍ତି । ଏଭଳି ଜଣେ ପ୍ରତିଭାଙ୍କ ପାଇଁ ଆଳି ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

## ରାଧାକାନ୍ତ ମନ୍ଦିରରେ ଝୁଲଣ ଯାତ୍ରା ସମ୍ପନ୍ନ

ରେଢ଼ାଖୋଲ, (ମହାଭାରତ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର କଦମ୍ବ ପଡିଆ ନିକଟରେ ଥିବା ରାଧାକାନ୍ତ ମନ୍ଦିରରେ ରାଜ ପରିବାର ପକ୍ଷରୁ ଗତ ୨୨ତାରିଖ ଠାରୁ ଚାଲି ଥିବା ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଶନିବାର ସଂପନ୍ନ ହୋଇଛି। ରାଜ ପରିବାରର ବୀର କିଶୋର ଦେଓ, ସାନ ପୁଅ ବୀର ବିକ୍ରମ ଦେଓ, ବୋହୂ ରିତାଞ୍ଜଳି ଦେଓ, ସାନ ବୋହୂ ନିବେଦିତା ସିଂଙ୍କ ସକ୍ରିୟ ସହଯୋଗରେ ଏହି ଝୁଲଣ ଯାତ୍ରା ଗତ ୨୨ ତାରିଖରୁ ଆରମ୍ଭ ହୋଇ ୭ ଦିନ ବ୍ୟାପୀ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ନିତ୍ୟ କୃଷ୍ଣ ଗୁରୁ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଆୟୋଜନ କରା ଯିବା ସହ ଅନ୍ନଭୋଗର ବ୍ୟବସ୍ଥା କରା ଯାଇ ଥିଲା। ଏଥିରେ ମନ୍ଦିର ପୂଜକ ପ୍ରଶାନ୍ତ ରଥ ପୂଜାର୍ଚ୍ଚନା କରି ଥିବା ବେଳେ କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ତାଙ୍କ ପତ୍ନୀ ଚମ୍ପକ ପୃଷ୍ଟି କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସମାରୋହକୁ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ,ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ବିଜେପି ନେତ୍ରୀ ସୁଷମା ମୁଣ୍ଡା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନିଲ ପ୍ରଧାନ ଓ ରେଢ଼ାଖୋଲ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇ ଥିଲେ। ମନ୍ଦିର କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପୃଷ୍ଟି, ଉପ ସଭାପତି ବିଜୟ ଲକ୍ଷ୍ମୀ ବେହେରା, ରମେଶ ସିଂ ଉପସଭାପତି ପ୍ରଦୀପ ଖିଲାରୀ (ପୁଟୁ), ଶୋଭାଗିନି ସିଂ , ଶିବ ଶଙ୍କର ପାଣିକର ପ୍ରମୁଖ ଅଂଶ ଗ୍ରହଣ କରି ସହଯୋଗ କରି ଥିଲେ। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ଥିଲେ।

## ଶୀଘ୍ର ବସ୍ ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ କରିବା ଲୋକଙ୍କ ଦାବି

ରାଇଘର, (ମହାଭାରତ) : ରାଇଘର ଠାରେ ବିଜେଡ଼ି ଅମଳରୁ ଚାଲୁ ହେଇଥିବା ଦୀର୍ଘ ୨୦ : ୨୨ ବର୍ଷ ଧରି ଚାଲିଥିବା ରାଇଘର ବସ୍ ଷ୍ଟାଣ୍ଡ ନିର୍ମାଣ କାମ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ବସ୍ ଷ୍ଟାଣ୍ଡ ନିର୍ମାଣ କାମ ଯେପରି କଇଁଛ ଗତିରେ ଚାଲିଛି ତାହାକୁ ନେଇ ସାଧାରଣ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଶେଷରେ କେବେ ସରିବ ବସ୍ ଷ୍ଟାଣ୍ଡ କାମ ସୂଚନା ଅନୁଯାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ନିର୍ମାଣ କାମ ଆଶାନୁରୂପ ଗତିରେ ଆଗେଇ ନଥିବା ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଉଛନ୍ତି। ବର୍ଷ ବର୍ଷ ଧରି କାମ ଚାଲିଥିଲେ ମଧ୍ୟ ଏହାର ସମ୍ପୂର୍ଣ୍ଣତା କେବେ ହେବ ତାହା ସ୍ପଷ୍ଟ ହେଉନାହିଁ।ବସ୍ ଷ୍ଟାଣ୍ଡ ନଥିବାରୁ ରାଇଘର ସହର ଓ ଏହାର ଆଖପାଖ ଅଞ୍ଚଳରେ ବସ୍ ଗୁଡ଼ିକୁ ରାସ୍ତାକଡ଼େର କିମ୍ବା ରାସ୍ତା ଉପରେ ଠିଆ ହେବାକୁ ପଡୁଛି। ଫଳରେ ଯାତ୍ରୀମାନେ ଯାତାୟାତ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ବସ୍ ଠିଆ ହେବା ଯୋଗୁଁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି।ଏପରି ପରିସ୍ଥିତିରେ ବସ୍ ଷ୍ଟାଣ୍ଡ ନିର୍ମାଣ କାମକୁ ଶୀଘ୍ର ସମାପ୍ତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଠିକାଦାର ଅଧିକ ଶ୍ରମିକ ନିୟୋଜିତ କରି କାମକୁ ତ୍ୱରାନ୍ୱିତ କଲେ ନିର୍ମାଣ କାର୍ଯ୍ୟ ଶୀଘ୍ର ସରିପାରିବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।ଏହା ସହିତ ସମ୍ପୃକ୍ତ ବିଭାଗ ମଧ୍ୟ ନିର୍ମାଣ କାମର ଅଗ୍ରଗତି ଉପରେ ନଜର ରଖି ସମୟସୀମା ମଧ୍ୟରେ କାମ ସାରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଏହି ବସ୍ ଷ୍ଟାଣ୍ଡ ଶୀଘ୍ର ଲୋକଙ୍କ ବ୍ୟବହାରରେ ଆସିଲେ ରାଇଘରବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି।

## ମାଛ ଧରା ବୋଟରେ ଅଗ୍ନିକାଣ୍ଡ

ପାରାଦ୍ୱୀପ, (ମହାଭାରତ) : ମାଛ ଧରା ବନ୍ଦର ରେ ଅଘଟଣ। ଦେବୀଲକ୍ଷ୍ମୀ -୨ ନାମକ ଏକ ବୋଟ ରେ ଅଗ୍ନିକାଣ୍ଡ ଘଟି ବୋଟ ରେ ଥିବା ସମସ୍ତ ସାମଗ୍ରୀ ସହ ସମ୍ପୂର୍ଣ୍ଣ ଜଳି ଯାଇଛି। ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ ଥିବା ବେଳେ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ଆଜି ସକାଳୁ ବୋଟ ଟି ମାଛ ଧରା ବନ୍ଦର ରେ ଥିବା ବେଳେ ଅପରାହ୍ନ ପ୍ରାୟ ୨ଟା ସମୟ ପରେ ହଠାତ ବୋଟ ଟି ହୁତୁ ହୁତୁ ହୋଇ ଜଳି ଉଠିଥିଲା। ନିଆଁ କୁ ଲିଭାଇବା ପାଇଁ ପାରାଦ୍ୱୀପ ଓ ଇଫ୍‌କୋ ର ଦୁଇଟି ଅଗ୍ନିଶମ ବିଭାଗ ଗାଡି ଆସି ପହଂଚି ନିଆଁ କୁ ଆୟତ୍ତ କରିବା ପୂର୍ବରୁ ବୋଟ ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ତେବେ ବୋଟ ଥିବା ୩ଜଣ କର୍ମଚାରୀ ବୋଟ ରୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ବାହାର କୁ ବାହାରି ଆସିଥିବା ବେଳେ ବୋଟ ସହ ବୋଟ ରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଛି ବୋଲି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ସଭାପତି ଶ୍ରୀକାନ୍ତ ପରିଡା କହିଛନ୍ତି। ଅଗ୍ନିକାଣ୍ଡ ଘଟଣା କୁ ନେଇ ପାରାଦ୍ୱୀପ ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଘଟଣା ସ୍ଥଳରେ ପହଂଚି ଅଗ୍ନିକାଣ୍ଡ କିପରି ଘଟିଲା ତାହା ତଦନ୍ତ ପରେ ଜଣା ପଡିବ ବୋଲି କହିଛନ୍ତି ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା କହିଛନ୍ତି। ତେବେ ଅଗ୍ନିକାଣ୍ଡ ରେ ବୋଟ ଟି ସମ୍ପୂର୍ଣ୍ଣ ଜଳି ଯାଇଛି ବୋଲି କହିଛନ୍ତି ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ କହିଛି।

## ମା’ ଭଗବତୀଙ୍କ ମନ୍ଦିରରେ ଗହ୍ମା ପର୍ବ ପାଳିତ। ଶକ୍ତିପୀଠରେ ବଳଭଦ୍ର ପୂଜା ଏକ ନିଆରା ପରମ୍ପରା



ବାଣପୁର, (ମହାଭାରତ) : ଶ୍ରାବଣ ପୂର୍ଣ୍ଣିମା ଦିନ ସମଗ୍ର ଉତ୍କଳରେ ବଡ଼ ଠାକୁର ଶ୍ରୀ ଶ୍ରୀବଳଭଦ୍ର ଦେବଙ୍କ ଜନ୍ମଦିବସ ଭାବରେ ପାଳନ କରାଯାଏ ବିଶେଷକରି ଏହାକୁ ଗହ୍ମା ପର୍ବ ଭାବରେ ମଧ୍ୟ ପ୍ରତି ବିଷ୍ଣୁ ମନ୍ଦିର ରେ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଉଥିବାର ବିଧି ପରମ୍ପରା ଚଳିଆସିଥିବା ବେଳେ ଶକ୍ତିକ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା’ଭଗବତୀଙ୍କ ପୀଠରେ ଏହି ପର୍ବ ପାଳନ କରାଯାଉଥିବା ସଂପୂର୍ଣ୍ଣ ଅନନ୍ୟ । ଏହିଦିନ ରାତ୍ର ଚାରିପ୍ରହରରେ ମା’ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠିଠାକୁରାଣୀ ବନଦୁର୍ଗା ବେଶରେ ପ୍ରଭୁଚନ୍ଦ୍ରଶେଖର ଓ ଶ୍ରୀଗୋପୀନାଥଙ୍କ ସହିତ ଥାଟପଟୁଆରରେ ନିଯୋଗୀ ସେବାୟତଙ୍କ ସହିତ ଘଣ୍ଟା କାହାଳୀ ଆଲଟ ଚ?ାମର ଛତ୍ର ତରାଶ ଯୋଡ଼ା ମଶାଲ ରେ ବାଜାରୋଶଣୀ ରେ ପୂର୍ବ ଦିଗକୁ ଯାତ୍ରା କରି ସ୍ଥାନୀୟ ବିଷର ପାଟଣା ଛକ ପାଖକୁ ଯାତ୍ରା କରିଥିଲେ । ସେଠାରେ ପୂର୍ବରୁ ପଲେଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ବାଲିର ବେଦୀ ଉପରେ ଉପବେଶନ କରିଥିଲେ । ଏକ ବାଛୁରୀକୁ ମଧ୍ୟ ପଲେଇ ସେବକ ବଳଭଦ୍ରଙ୍କ ପ୍ରତୀକ ଭାବରେ ସେଠାରେ ଧରି ରଖିଥିଲେ । ବାଛୁରୀକୁ ଚନ୍ଦନସିନ୍ଦୁର ପୁଷ୍ପମାଲ୍ୟ ପରିଧାନ କରାଯାଇଥିଲା । ପୂଜକ ସେଠାରେ ଦୀପ ଧୂପ ନୈବେଦ୍ୟ ଠା କରି ପଞ୍ଚଉପଚାରରେ ପୂଜା କରିଥିଲେ । କଦଳୀ ପତ୍ରରେ କେବଳ ନଡ଼ିଆପାତି ,ଶାକର, ଫଳମୂଳ ନୈବେଦ୍ୟ ଆକାରରେ ଧୂପ କରାଯାଇ ଆଳତି ବଢ଼ିଥିଲା । ପରେ ଘଣ୍ଟକାହାଳୀ ବାଦନରେ ମା’ଙ୍କ ଜୟଜୟକାର ଧ୍ୱନୀରେ ବାଛୁରୀକୁ ବାଲି ବେଦୀଡ଼ିଆଇଁ ଗହ୍ମାଡ଼ିଆ ନୀତିକାନ୍ତି ଶେଷ କରାଯାଇଥିଲା । ସେଠାରୁ ମା’କାଠି ଠାକୁରାଣୀ ପୂଜକଙ୍କ ଦୁଆରମାନଙ୍କରେ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମା’ଙ୍କ ଏହି ନିଆରା ଗହ୍ମାଡ଼ିଆଁ ପର୍ବ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲ। ।ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ବାଣପୁର ଥାନାଧିକାରୀ ଜୟପ୍ରକାଶ ପରୀଡ଼ାଙ୍କ ନେତୃତ୍ୱରେ ଆରକ୍ଷୀ ବାହାନୀ ଏବଂ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କଥା ମନ୍ଦିର ସୂତ୍ରରୁ ପ୍ରକାଶ ।

## ଇଫକୋ ଲୋକସମ୍ପର୍କ ପ୍ରସନ୍ନ କୁମାର ବେଉରାଙ୍କ ଧର୍ମ ପତ୍ନୀ ସ୍ୱର୍ଗତଃ ରିନା ବେଉରାଙ୍କ ସ୍ମୃତିଚାରଣ ସଭା



ପାରାଦୀପ, (ମହାଭାରତ) : ଇଫକୋ ପାରାଦୀପର ଜନସମ୍ପର୍କ ଅଧିକାରୀ ଏବଂ ମହାପୁରୁଷ ଅଚ୍ୟୁତାନନ୍ଦ ମନ୍ଦିରର ଟ୍ରଷ୍ଟି ଡ଼ଃ.ପ୍ରସନ୍ନ କୁମାର ବେଉରାଙ୍କ ପତ୍ନୀ ସ୍ୱର୍ଗତ ଶ୍ରୀମତୀ ରିନା ବେଉରାଙ୍କ ସ୍ମୃତିରେ କେନ୍ଦ୍ରାପଡ଼ା ଜିଲ୍ଲାର ବେଉରା ପରିବାରର ପୈତୃକ ଗ୍ରାମ କୁସୁନପୁରରେ ଏକ ଶୋକସଭା ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତା ବେଉରା ପ୍ରଭୁ ଜଗନ୍ନାଥ ଏବଂ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପ୍ରତି ଦୟା, ନମ୍ରତା, କରୁଣା ଏବଂ ଭକ୍ତି ପାଇଁ ଜଣାଶୁଣା, ତାଙ୍କୁ ଜଣେ ପ୍ରେମମୟ ପତ୍ନୀ, ସମର୍ପିତ ମାତା ଏବଂ ସର୍ବଦା ଦୁଃଖୀ ଲୋକଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି ଭାବରେ ସ୍ମରଣ କରାଯାଇଥିଲା । ପରିବାରର ପୈତୃକ ଘରେ ଶୋକ ସମାରୋହ ଏବଂ ପାରମ୍ପରିକ ରୀତିନୀତି ସମ୍ପନ୍ନ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକମାନେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇବା ସହିତ ସ୍ୱର୍ଗତ ଶ୍ରୀମତୀ ବେଉରାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।ଏହି କାର୍ଯ୍ୟକ୍ରମରେ ପୂଜ୍ୟ ସନ୍ଥ, ଆଧ୍ୟାତ୍ମିକ ନେତୃତ୍ୱ, ରାଜନୈତିକ ନେତା, ଜନପ୍ରତିନିଧି, ସାମାଜିକ କର୍ମୀ, ଇଫକୋ ଅଧିକାରୀ ଏବଂ କର୍ମଚାରୀ, ସାମ୍ବାଦିକ, ଏନଜିଓ ପ୍ରତିନିଧି, ସମ୍ପର୍କୀୟ, ବନ୍ଧୁ ଏବଂ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ। ଏଥିରେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ, ବ୍ରହ୍ମଜ୍ଞାନ ସ୍ୱାମୀଜୀ, ଅନ୍ୟାନ୍ୟ ପ୍ରମୁଖ ସନ୍ଥ, ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଓ ଡା. ରାଜଶ୍ରୀ ମଲ୍ଲିକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଶ୍ରୀମନ୍ଦିର ସେବାୟତ ବିଶ୍ୱବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନନ୍ତ ଦାସ ମହାପାତ୍ର, ନିରଂଜନ ରଥ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ବିକ୍ରମ ସିଂହ ଓ ପ୍ରଥମ ମହିଳା ଏକତା ସିଂହ,ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କଟକ ଉପ-ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ,ବରିଷ୍ଠ ଆଇନଜୀବୀ ଶିଶିର ଦାସ, ସୁରେଶ କୁମାର ଦାସ, ହେମନ୍ତ କୁମାର ପରିଡା, ବିଜେପିର ବରିଷ୍ଠ ନେତା ସୁବ୍ରତ କୁମାର ପ୍ରଧାନ, ସର୍ବେଶ୍ୱର ବଳିୟାରସିଂହ, ପ୍ରିୟ ରଂଜନ ଦାଶ ଏବଂ କେନ୍ଦ୍ରାପଡା ଓ ଜଗତସିଂହପୁରର ବହୁ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ଦିବଂଗତ ଆତ୍ମାର ଅନନ୍ତ ଶାନ୍ତି ଏବଂ ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ ଏବଂ ମମତା ପଟେଲ ଗଭୀର ସମବେଦନା ଏବଂ ପ୍ରାର୍ଥନା ଜଣାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ସମାବେଶରେ ରିନା ବେଉରାଙ୍କୁ ତାଙ୍କର କୋମଳ ସ୍ୱଭାବ, ଆଧ୍ୟାତ୍ମିକ ଭକ୍ତି, ଦୟା ଏବଂ ସ୍ନେହ ପାଇଁ ସ୍ମରଣ କରାଯାଇଥିଲା । ତେବେ ସମସ୍ତଙ୍କ ଉପସ୍ଥିତି ପାଇଁଡଃ. ପ୍ରସନ୍ନବେଉରା ଆନ୍ତରିକେ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ

ଗଜପତି, (ମହାଭାରତ) : ମହାନ ହକି ଖେଳାଳି ତଥା ଭାରତୀୟ କ୍ରୀଡ଼ା ଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଦ୍ୱିତୀୟ ଦିନ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

## ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲରେ ଜାତୀୟ କ୍ରୀଡା ଦିବସ ପାଳିତ



ପାରାଦୀପ, (ମହାଭାରତ) : ଡିଏଭି ପବ୍ଲିକ୍ ସ୍କୁଲ୍, ପାରାଦୀପ ପୋର୍ଟ ପରିସରରେ ଭାରତୀୟ ହକି କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଶନିବାର ଦିନ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। କ୍ରୀଡ଼ା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ମନୋଭାବ, ନେତୃତ୍ୱ ଓ ବିଜୟୀ ହେବାର ମନୋବୃତ୍ତି ବିକଶିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଶାରୀରିକ ଶିକ୍ଷକ କାଳନ୍ଦୀ ଚରଣ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ହୋତା ତାଙ୍କ ପ୍ରେରଣାଦାୟକ ଭାଷଣରେ ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଶୃଙ୍ଖଳିତ ଓ ସୁସ୍ଥ ଜୀବନ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ ।ଏହି ଅବସରରେ ସ୍ପୋର୍ଟସ୍ ସେକ୍ରେଟାରୀ କ୍ରୀଡ଼ାର ଗୁରୁତ୍ୱ ଓ ଛାତ୍ରଜୀବନରେ ଏହାର ଭୂମିକା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମିନି ମାରାଥନ୍, ଇଣ୍ଟର୍-ହାଉସ୍ କୁଇଜ୍ ଏବଂ ଇଣ୍ଟର୍-ହାଉସ୍ ଟଗ୍ ଅଫ୍ ୱାର୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ହାଉସ୍ ?ର ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ନୈପୁଣ୍ୟ, ଜ୍ଞାନ ଓ ଦଳଗତ ମନୋଭାବର ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ପୁରସ୍କାର ବିତରଣ ସମାରୋହ। ମିନି ମାରାଥନ୍ ସହିତ ଶ୍ଳୋକ ଉଚ୍ଚାରଣ ଓ ସାଇନ୍ସ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ସେମାନଙ୍କ ଉତ୍ସାହ ବଢ଼ାଯାଇଥିଲା। ଶେଷରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ସୌଭାଗିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଉତ୍ସାହ, ଉଦ୍ଦୀପନା ଓ କ୍ରୀଡ଼ାସ୍ପୃହାରେ ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ କ୍ରୀଡ଼ା ପ୍ରତି ଆଗ୍ରହ, ଶୃଙ୍ଖଳା ଓ ଦଳଗତ ଏକତାର ଭାବନା ସୃଷ୍ଟି କରିବା ସହ ଉତ୍ସାହ ଓ ଆନନ୍ଦର ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା।

## ନିଟ୍ ସଫଳତା: ଆଦିବାସୀ ଛାତ୍ରିଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇଲେ ବିଡିଓ : ପ୍ରଶାସନିକ ସହାୟତାର ପ୍ରତିଶ୍ରୁତି



ବିଷମକଟକ, (ମହାଭାରତ) : ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍? ସାହାଡ଼ା ଗ୍ରାମର କବିତା ହିକକା ନୀଟ୍ ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ସେ ବିଷମକଟକ ନିର୍ବାଚନ ମଣ୍ଡଳୀର ପ୍ରଥମ ଆଦିବାସୀ ଛାତ୍ରୀ ଭାବେ ନୀଟ୍? କ୍ଲିୟର କରି କୋରାପୁଟ ମେଡିକାଲ କଲେଜରେ ସିଟ୍ ପାଇଛନ୍ତି। ?ଏହି ସଫଳତା ଖବର ପ୍ରଚାରିତ ହେବା ପରେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି ଡି ଓ) ଏବଂ ପି ଇ ଓ କବିତାଙ୍କ ଘରକୁ ଯାଇ ସାକ୍ଷାତ କରି ତାଙ୍କୁ ଉତ୍ସାହିତ କରିବା ସହ ଉପହାର ସ୍ୱରୂପ ଏକ କଲମ ଓ ଡାଏରୀ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ବିଡିଓ ତାଙ୍କର ଏହି କଠିନ ପରିଶ୍ରମ ଓ ସଫଳତାକୁ ଭୂୟସୀ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହା ସହିତ ଆଗାମୀ ଦିନରେ ପାଠପଢ଼ା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମଧ୍ୟ ଆଶ୍ୱାସନା ଦେଇଛନ୍ତି। ଆଦିବାସୀ ଅଞ୍ଚଳରୁ ବାହାରି କବିତାଙ୍କ ଏହି ସଫଳତା ସ୍ଥାନୀୟ ଅଞ୍ଚଳର ଅନ୍ୟ ପିଲାମାନଙ୍କ ପାଇଁ ଏକ ପ୍ରେରଣା ସାଜିଛି। କବିତାଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକେ ଓ ତାଙ୍କ ପରିବାରବର୍ଗ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି ।

## ନେପାଳ ପ୍ରାକୃତିକ ବିପର୍ଯ୍ୟୟ: ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଗଣିଆରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଗଣିଆ, (ମହାଭାରତ): ନେପାଳରେ ଘଟିଥିବା ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଅମର ଆତ୍ମାର ସଦ୍?ଗତି ନିମନ୍ତେ ଗଣିଆଠାରେ ଏକ ଭାବପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ କଲିମୁଦ୍ଦିନ ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଣିଆ ମଣ୍ଡଳ ବିଜେପି




ସଭାନେତ୍ରୀ ମଞ୍ଜୁଲତା ପଣ୍ଡା ଏବଂ ସ୍ଥାନୀୟ ଛାତ୍ରଛାତ୍ରୀ, ବହୁ ସଂଖ୍ୟାରେ ଯୁବକ, ମହିଳା ତଥା ଅଞ୍ଚଳର ବୁଦ୍ଧିଜୀବୀ ଓ ସମାଜସେବୀମାନେ ସାମିଲ ହୋଇଥିଲେ। ହାତରେ ଜଳନ୍ତା ମହମବତୀ ଧରି ଏହି ଶୋଭାଯାତ୍ରା ଗଣିଆ ଜଗନ୍ନାଥ ମନ୍ଦିର ଠାରୁ ବାହାରି ବଜାର ପରିକ୍ରମା କରି ଗାନ୍ଧୀଛକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଠାରେ ନୀରବ ପ୍ରାର୍ଥନା ମାଧ୍ୟମରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲା। ପ୍ରକୃତିର ଏହି ତାଣ୍ଡବରେ ନିରୀହ ଲୋକଙ୍କ ଅକାଳ ବିୟୋଗ ସମଗ୍ର ମାନବ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ପ୍ରକାଶ କରିଥିଲେ। ଶେଷରେ ସମସ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଦିବଙ୍ଗତ ଆତ୍ମାଙ୍କ ଶାନ୍ତି କାମନା କରିବା ସହ ଏଭଳି ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କ ପାଇଁ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ରବିବାର, ୩୦.୮.୨୦୨୬

## ହାତୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଅନୁକମ୍ପା ମୂଳକ ସହାୟତା

**ପାଟଣା(ମହାଭାରତ):** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଠାରେ ଏକ ସଭା ଅନୁଷ୍ଠିତ ହୋଇଛି । ଏଥିରେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପାଟଣା ରେଞ୍ଜ ର ୫୬ ଜଣ କ୍ଷତିଗ୍ରସ୍ତ ପରିବାରଙ୍କୁ ଜିଲା ବନଖଣ୍ଡ ଅଧିକାରୀ ପହଞ୍ଚି ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି । ଚାଷ ଜମି, ଗୃହ କ୍ଷତିଗ୍ରସ୍ତ ପାଇଁ ଆର୍ଥିକ ସହାୟତା ରାଶି ସହ ଖାଦ୍ୟଶସ୍ୟ ଡ୍ରମ ଓ ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ୍ ଡି ଧନରାଜ ଙ୍କ ସହ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ବ୍ଲକ ଅଧକ୍ଷା ବିଣାପାଣି ନାୟକ, ସ୍ଥାନୀୟ ସରପଞ୍ଚ ପାର୍ବତୀ ଦେହୁରୀ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ଓ ଏସିଏଫ୍ ସୁଦିପ୍ତ ପଣ୍ଡା ଓ ଲଭି ଜେନ୍, ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା, ବନପାଳ ନିରଞ୍ଜନ ସେଠୀ ଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ପୃଥକ ପୃଥକ ସ୍ଥାନରେ ବାଇକ ଦୁର୍ଘଟଣା

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥ ର ଚକ୍ରଧରପୁର ଗ୍ରାମ ଛକ ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି । ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲା ।ମୃତକ ବ୍ୟକ୍ତି ହେଲେ ଫୁଲବାଣୀ ଥାନା ଅନ୍ତର୍ଗତ ଯିଗିନୀପଡ଼ା ଗ୍ରାମର ରାହୁଲ ନାୟକ (୨୨) ବୋଲି ଜଣାପଡିଥିବା ବେଳେ ସେହି ଗ୍ରାମର ଜିତୁ ନାୟକ (୧୬) ଗୁରୁତର ଆହତ ହୋଇଛି । ସେହିପରି ମାଧାର୍ହ୍ନ ସମୟରେ ବାଣିଗୋଛା ଥାନା ଅନ୍ତର୍ଗତ ଛାଡେୟାପଲ୍ଲୀ ପଂଚାୟତ ଉଦୁଡା ଠାରେ ବାଇକ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାରେ ଦଶପଲ୍ଲା ଥାନା ନଛିପୁର ଗ୍ରାମର ସୌମ୍ୟ ରଞ୍ଜନ ଖମାରି (୨୩)ଗୁରୁତର ଆହତ ହୋଇଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନ( ୨୩) ଆହତ ହୋଇଥିବା ଜଣାପଡିଛି । ଚଡେୟାପଲ୍ଲୀ ରୁ ଦଶପଲ୍ଲା ଆସୁଥିବା ସମୟରେ ଏଭଳି ଦୁର୍ଘଟଣା ଘଟିଥିଲା ।ହେଲେ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ କୁ ଫୋନ କରି ବିଫଳ ହୋଇଥିବା ବେଳେ ସେହିରାସ୍ତା ଦେଇ ଚଡେୟାପଲ୍ଲୀ ଗ୍ରାମର ରତନ କୁମାର ନାୟକ ନିଜ ପିକଅପ ଧରି ଆସୁଥିବା ବେଳେ ଏଭଳି ଘଟଣା ଦେଖି ନିଜ ଗାଡ଼ିରେ ଉଭୟଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଏଭଳି ରତନଙ୍କ ମହାନତା କାର୍ଯ୍ୟକୁ ନଛିପୁର ଗ୍ରାମବାସୀ ସାଧୁବାଦ ଜଣାଇଥିଲେ ।

## ଟ୍ରେନରୁ ଖସି ଯୁବକ ମୃତ

ଆଳି,(ମହଭାରତ): ଭଉଣୀ ପାଖରୁ ରାକ୍ଷୀ ବାନ୍ଧି ଟ୍ରେନରେ ଘରକୁ ଆସିଥିବା ବେଳେ ରେଳ ଲାଇନ କଡ଼ର ଏକ ଡ୍ରେନରୁ ଗୁରୁତର ଅବସ୍ଥାରେ ମିଳିଥିଲେ ପ୍ରଦୀପ ପରିଡା । ମେଡିକାଲରେ ଭର୍ତ୍ତୀ ହେବା ବେଳେ ଡାକ୍ତର କଲେ ମୃତ ଘୋଷଣା । ପ୍ରଦୀପଙ୍କ ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖ ଗ୍ରାମର କୈଳାଶ ଚନ୍ଦ୍ର ପରିଡାଙ୍କ ପୁଅ ପ୍ରଦୀପ ପରିଡା (୩୮) ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ରାକ୍ଷୀ ପୂର୍ଣ୍ଣମୀ ଦିନ ହାଇଦ୍ରାବାଦରେ ରହୁଥିବା ଭଉଣୀ ଘରେ ପହଞ୍ଚି ସେଠାରେ ରାକ୍ଷୀ ବାନ୍ଧିବା ପରେ ଘରକୁ ଆସିବା ନିମନ୍ତେ ଟ୍ରେନରେ ବସିଥିଲେ । ରାତି ପ୍ରାୟ ୧୦. ୩୦ ସମୟରେ ପ୍ରଦୀପ ଟ୍ରେନରୁ ଖସି ପଡି ଗୁରୁତର ଆହତ ହୋଇ ତାଙ୍କ ଭଉଣୀ ରଶ୍ମିତାଙ୍କୁ ଟେଲିଫୋନ କରି କହିଥିଲେ । ଏହାପରେ ତାଙ୍କ ଫୋନ ବନ୍ଦ ହୋଇ ଯାଇଥିଲାକ୍ଷ ଯାହାକୁନେଇ ଭଉଣୀ ଓ ଭିଣୋଇ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ । ପ୍ରଦୀପଙ୍କ ଭିଣୋଇ ଘଟଣା ସମ୍ପର୍କରେ ଆରପିଏସରେ ଅଭିଯୋଗ କରିଥିଲେ । ଶୁକ୍ରବାର ସକାଳେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ନାଦିକୁଡି ଓ ତୁମାଲ୍ଲାଚେରୁଭ ରେଳ ଷ୍ଟେସନ ମଧ୍ୟରେ ଥିବା ଏକ ଡ୍ରେନରୁ ଉଦ୍ଧାର କରିବା ପରେ ସ୍ଥାନୀୟ ଲୋକ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିବା ପରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଖବର ଜଣାପଡିବା ପରେ ପ୍ରଦୀପଙ୍କ ଘରେ କାନ୍ଦ ବୋବାଳି ପଡିଯାଇଛି । ପ୍ରଦୀପଙ୍କ ବୃଦ୍ଧ ବାପା କୈଳାଶ ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ବେଳେ ପ୍ରଦୀପଙ୍କ ପତ୍ନୀ ରଶ୍ମି ଓ ଏକମାତ୍ର ଝିଅ ବର୍ଷା ବେସାହାରା ହୋଇ ପଡିଛନ୍ତି । ଶନିବାର ଅପରାହ୍ନରେ ପ୍ରଦୀପଙ୍କ ମୃତଦେହ ଗାଁ ରେ ପହଁଞ୍ଚିବା ପରେ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଦୀପଙ୍କ ବାପା କୈଳାଶ କହିଛନ୍ତି ଯେ ଶୁକ୍ରବାର ଦିନ ପୁଅ ଘରେ ପହଞ୍ଚିବାର ଥିଲା । ଶନିବାର ଦିନ ଦୁବାଇ ଯିବା ନିମନ୍ତେ ଭୁବନେଶ୍ୱରରେ ସାକ୍ଷାତକାର ଥିଲା । କିନ୍ତୁ ଘରକୁ ଫେରିବା ବାଟରେ ପୁଅର ମୃତ୍ୟୁକୁ ନେଇ ତାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଦୀପଙ୍କୁ କେହି ଦୁର୍ବୃତ୍ତ ଟ୍ରେନରୁ ଠେଲି ମାରି ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ସହାୟତା ଦେବାକୁ ସେ ଦାବି କରିଛନ୍ତି ।

## 'ସୁପୋଷିତ ଓଡ଼ିଶା ମିଶନ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଗୁରାଣ୍ଡି, ଗଜପତି(ମହାଭାରତ): ମୀନକେତନ ସ୍ନାତକ ମହାବିଦ୍ୟାଳୟ, ଗୁରାଣ୍ଡି, ଗଜପତି ପରିସରରେ ଜାତୀୟ ସେବା ଯୋଜନା ବଂ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ 'ସୁପୋଷିତ ଓଡ଼ିଶା ମିଶନ' ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଘୋଷାଣୀ ବ୍ଲକର ଶ୍ରୀମତୀ ତପସ୍ୱିନୀ ଜେନା ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପିବା ପ୍ରଣାଳୀ, ସଠିକ ପୋଷଣର ଆବଶ୍ୟକତା, ବୟସ ଅନୁଯାୟୀ ପୋଷଣ ସମ୍ପର୍କିତ ତଥ୍ୟ ସଂଗ୍ରହ ଓ ଅନ୍ୟାନ୍ୟ ଆବଶ୍ୟକୀୟ ବିଷୟରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଓଜନ ମାପ ଯନ୍ତ୍ର ଓ ଉଚ୍ଚତା ମାପ ଯନ୍ତ୍ରର ବ୍ୟବହାର ଦ୍ୱାରା ଛାତ୍ରୀମାନଙ୍କୁ ପ୍ରାୟୋଗିକ ଭାବେ ସଠିକ ତାଲିମ ଦିଆଯାଇଥିଲା । ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରୁ ଆସିଥିବା ଜଣେ ଶିଶୁଙ୍କ ଉପରେ ଓଜନ ଓ ଉଚ୍ଚତା ମାପିବାର ପ୍ରାୟୋଗିକ ପ୍ରଦର୍ଶନ ମଧ କରାଯାଇଥିଲା ।ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଗୋଦାବରୀ ଜେନା ଏବଂ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ଲମ୍ବୋଦର ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ଅବସରରେ ଇଂରାଜୀ ଅଧାପିକା ଶ୍ରୀମତୀ ମିନାକ୍ଷୀ ପାଣିଗ୍ରାହୀ, ଇତିହାସ ଅଧାପିକା ଶ୍ରୀମତୀ ସୁନିତା ବେହେରା ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଶ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ପାଠପଢ଼ା ପାଇଁ ବାରଣ୍ଡା ଭଡ଼ା ୫ଶହ



**ମାଲକାନଗିରି,:** ୪୬ ବର୍ଷ ତଳୁ ବିଦ୍ୟାଳୟ ପ୍ରତିଷ୍ଠା ହେଲାଣି । ନିର୍ମାଣ ହୋଇପାରିଲାନି ସ୍ଥାୟୀକୋଠା, ଭିତ୍ତିଭୂମି । ବହୁବାର ନିବେଦନ ପରେ ୨୦୨୧ରେ ସ୍ଥାୟୀକୋଠା କାମ ଆରମ୍ଭ ହେଲେ ସୁଦ୍ଧା ଅନୁଦାନ ଅଭାବରୁ ତାହା ଅଧପନ୍ତରିଆ ପଡ଼ିଛି । ଅନ୍ୟର ବାରଣ୍ଡାକୁ ମାସିକ ଭଡ଼ାରେ ନେଇ ପାଠପଢ଼ା ଚାଲିଛି । ବାରଣ୍ଡା ଭଡ଼ା ବାବଦ ମାସିକ ୫ଶହ ଟଙ୍କା ନିଜ ଦରମାରୁ ଦେଉଛନ୍ତି ପ୍ରଧାନଶିକ୍ଷକ । ରୋଷେଇ ଘର ନଥିବାରୁ ମଧ୍ୟାହ୍ନ ଭୋଜନ ବାହାରେ ରାନ୍ଧି ପିଲାଙ୍କୁ ଖାଇବାକୁ ଦିଆଯାଉଛି ।ମାଲକାନଗିରି ଜିଲ୍ଲାର ଦୁର୍ଗମ ସ୍ୱାଭିମାନ ଅଞ୍ଚଳରେ ଏ ହେଉଛି ଶିକ୍ଷା ବ୍ୟବସ୍ଥା । ଚିତ୍ରକୋଣ୍ଡା ବ୍ଲକ୍ ରାଲେଗାଡ଼ା ପଞ୍ଚାୟତ ଶୁଆପାଲି ଗ୍ରାମରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ୧୯୮୦ ପୂର୍ବରୁ ସ୍ଥାପିତ ହୋଇଥିଲା । ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ନିଜସ୍ୱ କୋଠା, ରୋଷେଇ ଘର ଓ ଶୌଚାଳୟ ନିର୍ମାଣ ହୋଇପାରିନି । ୪୬ ବର୍ଷ ହେଲାଣି ଛାତ୍ରଛାତ୍ରୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ବିପଦସଙ୍କୁଳ ଓ ଅସ୍ୱାସ୍ଥ୍ୟକର ପରିବେଶରେ ବସି ପାଠ ପଢୁଛନ୍ତି । ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ଏହି ସ୍କୁଲରେ ପୂର୍ବରୁ ବହୁ ପିଲା ପଢୁଥିଲେ । କିନ୍ତୁ ଭିତ୍ତିଭୂମି ବିକାଶ ନହେବାରୁ ଏବେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୮କୁ ଖସିଆସିଛି । ଶିକ୍ଷାଦାନ ଲାଗି ପ୍ରଧାନଶିକ୍ଷକ କଲ୍ୟାଣ ସୂତ୍ରଧର ଓ ଜଣେ ସହକାରୀ ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି । ଗ୍ରାମବାସୀଙ୍କ ଦାବି ପରେ ୨୦୨୧ରେ ସ୍ଥାୟୀକୋଠା ନିର୍ମାଣ ପାଇଁ ୧୩.୬୫ ଲକ୍ଷ ଟଙ୍କାର ଅନୁଦାନ ଆସି କୋଠା ଓ ରୋଷେଇ ଘର ନିର୍ମାଣ ଆରମ୍ଭ ହୋଇଥିଲେ ମଧ ଅନୁଦାନ ନମିଳିବାରୁ ୫ ବର୍ଷ ଧରି ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାନାହିଁ । ଗ୍ରାମବାସୀ ଓ ଅଭିଭାବକ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ସୁଫଳ ମିଳିନାହିଁ । ସିଆରସିସି ବାବୁଲା କୁମାର ନାୟକ କହିଛନ୍ତି, ଶିକ୍ଷା ବିଭାଗ ଅଧିକାରୀ ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି । ଚିତ୍ରକୋଣ୍ଡା ବ୍ଲକ୍ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ କହିଛନ୍ତି, ବ୍ଲକ୍‌ରେ ଘର ନଥିବା କିମ୍ବା ଭଗ୍ନ ଅବସ୍ଥାରେ ଥିବା ବିଦ୍ୟାଳୟଗୁଡ଼ିକର ତାଲିକା ପ୍ରସ୍ତୁତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ରିପୋର୍ଟ ପଠାଯାଇଛି । ସମଗ୍ର ଶିକ୍ଷା ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ ଚର୍ଚ୍ଚି କହିଛନ୍ତି, ବର୍ତ୍ତମାନ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଛି । ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବ ।

### ପୁରୀ ଜିଲ୍ଲାର ୪୨୨୧୧୨ ହିତାଧିକାରୀ ଉପକୃତ

## ମହିଳା ସଶକ୍ତ ହେଲେ ସମାଜ ସୁଦୃଢ଼ ହେବ: ରାଜସ୍ୱ ମନ୍ତ୍ରୀ




**ପୁରୀ :**ମହିଳା ସଶକ୍ତ ହେଲେ ସମାଜ ସୁଦୃଢ ଓ ସଶକ୍ତ ହେବ ।ସୁଭଦ୍ରା ଯୋଜନା ଆଜି ଜନ ଜାଗରଣ ରେ ପରିଣତ ହୋଇଛି ।ସୁଭଦ୍ରା ମାଧ୍ୟମରେ ପରିବାର ଓ ସମାଜ ରେ ନାରୀ ମାନଙ୍କ ସମ୍ମାନ ଓ ପ୍ରତିଷ୍ଠା କେବଳ ବୃଦ୍ଧି ପାଇନାହିଁ, ବରଂ ଆର୍ଥିକ ମାନଦଣ୍ଡ ରେ ସେମାନଙ୍କ ଭାଗିଦାରୀ ବଢିଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଟାଉନ ହଲ ଠାରେ ପୁରୀ ଜିଲ୍ଲା ସ୍ତରୀୟ ସୁଭଦ୍ରା ର ପଞ୍ଚମ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା ।ଏଥରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ ପୂର୍ବରୁ ନାରୀ ମାନଙ୍କର କେବଳ ଘରେ କାମ କରିବା ଦାୟିତ୍ୱ ବୋଲି ବିବେଚନା କରାଯାଉଥିଲା ।ତେବେ ନାରୀଟିଏ ଯେ ସବୁ କାମ କରିପାରେ, ତାଙ୍କ ପରିବାର,ରାଜ୍ୟ ଓ ଦେଶର ଆର୍ଥିକ ବିକାଶ ରେ ସହଭାଗୀ ହୋଇ ପାରେ ଏହା ସୁଭଦ୍ରା ର ଏକ ବଳିଷ୍ଠ ପରିଚୟ ଦେଇପାରିଛି ।ଆଜି ସୁଭଦ୍ରା ପ୍ରତ୍ୟେକ ନାରୀ ମାନଙ୍କୁ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନ ର ସୁଯୋଗ ଦେଇଛି ବୋଲି କହିଥିଲେ ।ଆମ ସମାଜ ମାତୃକୈନ୍ଦ୍ରିକ ସମାଜ ।ପୁରାଣ ର ପଞ୍ଚ କନ୍ୟା ଙ୍କ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ଯେଉଁ ସମାଜ ନାରୀଙ୍କୁ ଉପଯୁକ୍ତ ସମ୍ମାନ ଦେଇଥାଏ ସେ ସମାଜ ସେତେ ଶୃଙ୍ଖଳିତ ଓ ସୁଦୃଢ ହୋଇଥାଏ ।ଆମ ରାଜ୍ୟ ସମଗ୍ର ଭାରତ ବର୍ଷ ରେ ସର୍ବାଧିକ ୨୨ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଅଗ୍ରଣୀ ରାଜ୍ୟ ଭାବେ ସୁନାମ ଅର୍ଜନ କରିଛି ।୨୦୩୬ ମସିହା ଆମ ରାଜ୍ୟ କୁ ଏକଶତ ବର୍ଷ ପୂର୍ତ୍ତି ଓ ୨୦୪୭ ଆମ ସ୍ୱାଧୀନତା ର ୧୦୦ ବର୍ଷ ପୂର୍ତ୍ତି ହେବ ।ଏହି ଅବସରରେ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଓ ଦେଶ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ।ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନା ମହିଳା ମାନଙ୍କ ଆତ୍ମବିଶ୍ୱାସ ବଢାଇବା ସହ ପରିବାର ର ଆର୍ଥିକ ସ୍ଥିତି କୁ ମଜବୁତ କରିପାରିଛି ବୋଲି କହିବା ସହ ପ୍ରତ୍ୟେକ ହିତାଧିକାରୀ ଏହି ଅର୍ଥ ର ସଦୁପଯୋଗ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିବାକୁ ଆହ୍ୱାନ ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଉପ ଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ଆକାଉଣ୍ଟ କୁ ପାଞ୍ଚ ହଜାର ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା ।ପରେ ୫ ଜଣ ମହିଳା ଙ୍କୁ ପ୍ରତୀକାତ୍ମକ ଭାବେ ସୁଭଦ୍ରା ର ପଞ୍ଚମ କିସ୍ତି ର ଚେକ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ୩ ଜଣ ସଫଳ ସୁଭଦ୍ରା ହିତାଧିକାରୀ ତାଙ୍କ ସଫଳତାର କାହାଣୀ ର ବର୍ଣ୍ଣନା କରିଥିଲେ ।ରାକ୍ଷୀ ପୂର୍ଣ୍ଣିମା ଅବସରରେ ସମସ୍ତ ଅତିଥି ମାନଙ୍କ ହାତରେ ରାକ୍ଷୀ ବନ୍ଧନ କରାଯାଇଥିଲା ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସଭା କାର୍ଯ୍ୟ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ସୂଚନା ଯୋଗ୍ୟ ଯେ ପୁରୀ ଜିଲ୍ଲା ରେ ପ୍ରଥମ କିସ୍ତିରେ ୪୩୬୫୮୩, ଦ୍ୱିତୀୟ କିସ୍ତି ରେ ୪୨୫୫୫୯,ତୃତୀୟ କିସ୍ତି ରେ ୪୨୫୫୭୩ ଓ ଚତୁର୍ଥ କିସ୍ତି ରେ ୪୨୦୮୫୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି ।

## ଛାତ୍ରଛାତ୍ରୀଙ୍କୁ ନିଶା ଓ ସାଇବର ଠକେଇଠାରୁ ଦୂରେଇ ରହିବାକୁ ପରାମର୍ଶ

ଆସିକା, (ମହାଭାରତ): ଗଞ୍ଜାମ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଅଧିକାରୀଙ୍କ ସଂଯୋଜନାରେ ଆସିକା ଥାନା ଇଲାକାର ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଓଡ଼ିଶା' ସହ ସାଇବର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି । ଏହିପରିପେକ୍ଷୀରେ ପଞ୍ଚାୟତ ନୋଡାଲ ପିଏମ୍ ଶ୍ରୀ ଦେବଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ 'ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ଓ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଯୁବପିଢ଼ି ନିଶା କବଳରୁ ମୁକ୍ତ ରହିଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ସମ୍ଭବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ସେହିପରି ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଠକେଇକୁ ନେଇ ମଧ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଅଜଣା ଫୋନ୍ କଲ୍, ଲିଙ୍କ୍, ଓଟିପି, ବ୍ୟାଙ୍କ ଆକାଉଣ୍ଟ ଓ ବ୍ୟକ୍ତିଗତ ତଥ୍ୟ କାହା ସହିତ ଅନାବଶ୍ୟକ ଭାବେ ସେୟାର ନକରିବାକୁ ପରାମର୍ଶ ଦିଆଯାଇଥିଲା । ସାଇବର ଠକେଇର ଶିକାର ହେଲେ ତୁରନ୍ତ ପୋଲିସର ସହାୟତା ନେବାକୁ ମଧ କୁହାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଲବ ସେଠୀ, ରଞ୍ଜିତା ବେହେରା, ଶିବାନୀ ସେଠୀ, ଗାୟତ୍ରୀ ବିଶ୍ୱାଳ, କବିତା ସାମନ୍ତରା, ଅନୁପ କୁମାର ନାୟକ, ରବୀନ୍ଦ୍ର ନାୟକ, ଉଦୟ ମାଝୀ, ସଂଘମିତ୍ରା ପାଢ଼ୀ, ବବିତା ଚୌଧୁରୀ, ସଂଯୁକ୍ତା ବେହେରା, ଗଣ୍ଡୁ ସ୍ୱାଇଁ, ଗୋପୀନାଥ ପାଢ଼ୀ, ପ୍ରଶାନ୍ତ ନାୟକ ଓ ସୂର୍ଯ୍ୟନାରାୟଣ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶାମୁକ୍ତ ଜୀବନ ଓ ସୁରକ୍ଷିତ ଡିଜିଟାଲ ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ସହ ସମାଜରେ ଏହି ବାର୍ତ୍ତାକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା ।

## ଆଦର୍ଶ ମହିଳାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

**ପାଟଣାଗଡ,(ମହାଭାରତ):**ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ବାଲିପଟା ଗାଁ ତଥା ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜର ସହ ଲାଟ ସଭାପତି ତଥା ପାଟଣାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀଙ୍କ ମାତା ତଥା ଆଦର୍ଶ ମହିଳା ତଥା ସମସ୍ତଙ୍କୁ ଆପଣାର କରିପାରୁଥିବା ମଣିଷ ସ୍ୱର୍ଗତ ଟିକେମନ ବରିହା ଙ୍କ ଧର୍ମପତ୍ନୀ ସ୍ୱର୍ଗତା ରାମା ମାଝୀଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।

## ଆମ ପୁଲିସର ସଚେତନତା କାର୍ଯ୍ୟକ୍ରମ




**ରାଉରକେଲା:** ସେକ୍ଟର ୧୯ ଥାନା ଆମ ପୁଲିସ ର ତରଫରୁ ସଚେତନତା କାର୍ଯ୍ୟକ୍ରମ ସେକ୍ଟର ୨୦ କମ୍ୟୁନିଟି ସେଣ୍ଟର୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆମ ପୁଲିସର ବରିଷ୍ଠ ସଦସ୍ୟ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରେ ବିଶିଷ୍ଟ ଅତିଥି ଭାବେ ସେକ୍ଟର ୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ସହ ଘରୋଇ ହିଂସା,(ପ୍ରୋଟେକ୍ସନ ଅଫ୍ ଡୋମେଷ୍ଟିକ ଭାଉଲେନ୍ସ ଆକ୍ଟ ୨୦୧୨),ନାବାଳକଙ୍କ ଦ୍ୱତ ଗାଡି ଚାଳନା,୧୮ ବର୍ଷରୁ ଉର୍ଦ୍ଧ୍ୱ ଅର୍ଥାତ୍ ସାବାଳକ ମାନେ ଟ୍ରାଫିକ ନିୟମ ପାଳନ,(ମୋଟର ଭେହିକଲ ଆକ୍ଟ) ହେଲମେଟ ପିନ୍ଧିବା ବାଧ୍ୟତାମୂଳକ ତଥା ଯୌତୁକ ଦେବା ଓ ନେବା କିପରି ଅପରାଧ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା, ସାଇବର ଠକେଇରୁ କିପରି ବଞ୍ଚିବା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟତଃ କାହାର ମୌନିକଟ ଅଧିକାରକୁ ନଷ୍ଟ ନକରିବା ପାଇଁ ଆହ୍ୱାନ ଦେଇଥିଲେ । ସବଇନ୍ସପେକ୍ଟର ରାଜେଶ ବେହେରା ସାଇବର ଠକେଇ ର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସାମାଜିକ ଅନୁଷ୍ଠାନ ଫାଇଟର ଗ୍ରୁପର ମୁଖ୍ୟ ସୁମତୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁଷ୍ଠାନର ପୁଷ୍ପଲତା ସାହୁ, ରୀନା ସେଠୀ, ପୁଷ୍ପଲତା ବାରିକ, ରିଙ୍କି କୁମାରୀ, ସୁଜାତା ଜେନା ପ୍ରମୁଖ ଉପସ୍ଥିତ ସମସ୍ତଙ୍କୁ ରାକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । କମ୍ୟୁନିଟି ସେଣ୍ଟର୍ ର ସମ୍ପାଦକ ସୁବ୍ରତ ଜେନା ମଞ୍ଚାସୀନ ଥିଲା ବେଳେ,ଆମ ପୁଲିସର ଅନ୍ୟତମ ସଦସ୍ୟ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ନିହାର ଦାସ, ସୁବାସ ଚନ୍ଦ୍ର ଗୁପ୍ତା, ଗଣେଶ ଭୀଷ୍ମ ନାରାୟଣ ସ୍ୱାଇଁ, ଜୟପ୍ରକାଶ ଦିଗାର,କବିନ୍ଦ୍ର ସ୍ୱାଇଁ, ଶିବଶଙ୍କର ପାଲ ପ୍ରମୁଖ ଉପସ୍ଥିତ ଥିଲା ।

### ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ପଞ୍ଚମ କିସ୍ତି

# ଜିଲ୍ଲାର ୩ଲକ୍ଷ ୮୦ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମିଳିଲା ଆର୍ଥିକ ସହାୟତା




**କେନ୍ଦ୍ରାପଡ଼ା,:** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ସ୍ୱାଭିମାନ, ସ୍ୱାବଲମ୍ବନ ଓ ଆର୍ଥିକ ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଛନ୍ତି । ନୟାଗଡ଼ ଜିଲ୍ଲାର ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁଭଦ୍ରା'ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଥିଲେ । ଏହାସହ ସମନ୍ୱୟ ରଖି କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, କେନ୍ଦ୍ରାପଡ଼ା ପକ୍ଷରୁ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ପରିବାରର ଆର୍ଥିକ ପ୍ରଗତିରେ ସେମାନଙ୍କ ଅଧିକ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଡିପିସି (ମମତା) ମନୋରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ମହିଳା ହିତାଧିକାରୀମାନେ ଉପସ୍ଥିତ ଥିଲେ । 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କୁ ନିଜ ପାଦରେ ଠିଆ ହେବା, ନିଜ ଆବଶ୍ୟକତା ପୂରଣ କରିବା ସହ ପରିବାରର ଆର୍ଥିକ ଉନ୍ନତିରେ ଅଧିକ ସକ୍ରିୟ ଭୂମିକା ନେବା ପାଇଁ ସଶକ୍ତ କରାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ନିକଟରେ ଏହି ସହାୟତା ପହଞ୍ଚିବା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ।ରାକ୍ଷୀ ପୂର୍ଣ୍ଣିମାର ଏହି ପବିତ୍ର ଅବସରରେ 'ସୁଭଦ୍ରା'ର ପଞ୍ଚମ କିସ୍ତି ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧିର ନୂଆ ଆଶା ସୃଷ୍ଟି କରିଛି । ସଶକ୍ତ ନାରୀ ହିଁ ସମୃଦ୍ଧ ପରିବାର ଓ ସମୃଦ୍ଧ ଓଡ଼ିଶାର ଆଧାର ଏହି ଲକ୍ଷ୍ୟକୁ ଆଗେଇ ନେବାରେ 'ସୁଭଦ୍ରା' ଯୋଜନା ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି । ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀର ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ବିଧାୟକ, ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଇଚାରା, ସ୍ନେହ ଓ ସାମାଜିକ ସମ୍ପର୍କର ଏକ ନିଆରା ଭାବନା ସୃଷ୍ଟି କରିଥିଲା ।

# ରୁଷ-ଚୀନ ମଧ୍ୟରେ ଆମେରିକା ସହ ବଡ଼ ଡିଲ୍, ଭାରତ କିଣିବ ୧୦୦ ଜାଭେଲିନ୍ ମିସାଇଲ୍



ଅପରେସନ ସିନ୍ଦୂର ପରେ ଭାରତ-ଆମେରିକା ସମ୍ପର୍କରେ କିଛିଟା ତିକ୍ତତା ଦେଖାଦେଇଥିଲେ ମଧ୍ୟ ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶର ସହଯୋଗ ଜାରି ରହିଛି । ଏହି କ୍ରମରେ ଆମେରିକାଠାରୁ ପ୍ରାୟ ୧୦୦ଟି ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ କିଣିବାକୁ ଭାରତ ପଦକ୍ଷେପ ନେଇଛି । ପ୍ରାୟ ୪୫.୭ ମିଲିୟନ୍ ଡଲାର୍ ଅର୍ଥାତ୍ ପ୍ରାୟ ୩୦୦ କୋଟି ଟଙ୍କାର ଏହି ଚୁକ୍ତିକୁ ରଣନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି । ଭାରତୀୟ ସେନା ଜାଭେଲିନ୍ ମିସାଇଲ୍ କିଣିବା ନେଇ ଆମେରିକାର ପ୍ରସ୍ତାବରେ ସ୍ୱାକ୍ଷର କରିଛି । ଏହା ଅଧୀନରେ ୧୦୦ଟି ମିସାଇଲ୍ ରାଉଣ୍ଡ ସହ ୨୫ଟି ଲାଇଟୱେଟ୍ କମାଣ୍ଡ ଲଞ୍ଚ ୟୁନିଟ୍ ଏବଂ ଆବଶ୍ୟକୀୟ ଉପକରଣ ଭାରତ କିଣିବ । ନିୟନ୍ତ୍ରଣ ରେଖା ଓ ବାସ୍ତବ ନିୟନ୍ତ୍ରଣ ରେଖାରେ ଭିନ୍ନ ଭିନ୍ନ ସୁରକ୍ଷା ଚ୍ୟାଲେଞ୍ଜ ଥିବାରୁ ଭାରତୀୟ ସେନାର ଆଣ୍ଟି-ଟ୍ୟାଙ୍କ କ୍ଷମତା ବଢ଼ାଇବା ଦିଗରେ ଏହି ଡିଲ୍‌କୁ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି । ଜାଭେଲିନ୍ ଏକ ଆଧୁନିକ ମଧ୍ୟମ ଦୂରତାର ଆଣ୍ଟି-ଟ୍ୟାଙ୍କ ଗାଇଡେଡ୍ ମିସାଇଲ୍ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ଫାୟାର୍ ଆଣ୍ଡ ଫର୍ଗେଟ୍' ପ୍ରଯୁକ୍ତି । ଅର୍ଥାତ୍ ଟାର୍ଗେଟ୍ ଲକ୍ କରିବା ପରେ ଅପରେଟରଙ୍କୁ ମିସାଇଲ୍‌କୁ ନିରନ୍ତର ଭାବେ ନିର୍ଦ୍ଦେଶ ଦେବାକୁ ପଡ଼ିନଥାଏ । ଏହାକୁ ଟ୍ୟାଙ୍କ ଓ ସୁରକ୍ଷିତ ସାମରିକ ସ୍ଥାନକୁ ଟାର୍ଗେଟ୍ କରିବା ପାଇଁ ବ୍ୟବହାର କରାଯାଏ । ଆମେରିକାର ରେଥିଅନ୍ ଏବଂ ଲକହିଡ୍ ମାର୍ଟିନ୍ ମିଳିତ ଭାବେ ଏହି ମିସାଇଲ୍ ପ୍ରସ୍ତୁତ କରନ୍ତି । ଏହାକୁ ଜଣେ ସୈନିକ କାନ୍ଧରୁ କିମ୍ବା ଟ୍ରାଇପଡ୍ ମାଧ୍ୟମରେ ଲଞ୍ଚ କରିପାରିବେ । ଏହାର ରେଞ୍ଜ୍ ପ୍ରାୟ ୨.୫ କିଲୋମିଟର ବୋଲି କୁହାଯାଉଛି । ଆମେରିକାର ଡିଫେନ୍ସ ସିକ୍ୟୁରିଟି କୋଅପରେସନ୍ ଏଜେନ୍ସି ପୂର୍ବରୁ ଏହି ବିକ୍ରିକୁ ମଞ୍ଜୁରୀ ଦେଇଥିଲା । ଆମେରିକାର ମତରେ ଏହି ଚୁକ୍ତି ଦୁଇ ଦେଶର ରଣନୈତିକ ଓ ପ୍ରତିରକ୍ଷା ସମ୍ପର୍କକୁ ଆହୁରି ମଜବୁତ କରିବ । ଏହା ସହ ଭାରତର ସାମରିକ କ୍ଷମତା ବଢ଼ିବା ସହ ଭବିଷ୍ୟତର ସୁରକ୍ଷା ଚ୍ୟାଲେଞ୍ଜ ମୁକାବିଲାରେ ସହାୟତା ମିଳିବ । ଭାରତ ପୂର୍ବରୁ ଆମେରିକାଠାରୁ ଏମ୍-୭୭୭ ଲାଇଟ୍ ହୋୱିଟଜର୍ ଏବଂ ସିଗ୍ ସାଉଅର୍ ରାଇଫଲ୍ ଭଳି ପ୍ରତିରକ୍ଷା ସାମଗ୍ରୀ କିଣିଛି । ଏବେ ଜାଭେଲିନ୍ ଡିଲ୍ ଦୁଇ ଦେଶର ପ୍ରତିରକ୍ଷା ସହଯୋଗକୁ ନୂଆ ଦିଗ ଦେଇପାରେ । କେବଳ ମିସାଇଲ୍ କିଣିବାରେ ସୀମିତ ରହିବା ନୁହେଁ, ଆଗାମୀ ଦିନରେ ଭାରତରେ ଜାଭେଲିନ୍‌ର ଉତ୍ପାଦନ ନେଇ ମଧ୍ୟ ଆଲୋଚନା ଚାଲିଛି । ରେଥିଅନ୍ ଓ ଲକହିଡ୍ ମାର୍ଟିନ୍ ଭାରତୀୟ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ ସହ ଏନେଇ ସହଯୋଗର ରାସ୍ତା ଖୋଲିଛନ୍ତି । ଏହା ଫଳରେ ତୁରନ୍ତ ଆବଶ୍ୟକତା ପୂରଣ ସହ ଦୀର୍ଘମିଆଦୀ ଭାବେ ଭାରତରେ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ଉତ୍ପାଦନ କ୍ଷମତା ବଢ଼ିପାରେ । ଭାରତ ଗୋଟିଏ ପଟେ ରୁଷ ଓ ଚୀନ ସହ ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ମଞ୍ଚରେ ସକ୍ରିୟ ରହିଛି । ଅନ୍ୟପଟେ ଆମେରିକା ସହ ପ୍ରତିରକ୍ଷା ଓ ରଣନୈତିକ ସହଯୋଗକୁ ମଧ୍ୟ ଜାରି ରଖିଛି । ଏଭଳି ସମୟରେ ଜାଭେଲିନ୍ ଡିଲ୍‌କୁ ଭାରତର ସନ୍ତୁଳିତ ବୈଦେଶିକ ନୀତିର ଏକ ଉଦାହରଣ ଭାବେ ଦେଖାଯାଉଛି । ରୁଷ ସହ ପ୍ରତିରକ୍ଷା ସମ୍ପର୍କ ଜାରି ରଖିବା ସହ ଆମେରିକା ସହ ନୂଆ ପ୍ରତିରକ୍ଷା ପ୍ରଯୁକ୍ତି ଓ ଯୁଦ୍ଧ ସାମଗ୍ରୀ କ୍ଷେତ୍ରରେ ସହଯୋଗ ବଢ଼ାଇବା ଭାରତର 'ସ୍ଟ୍ରାଟେଜିକ୍ ବାଲାନ୍ସ' ନୀତିକୁ ଦର୍ଶାଉଛି । ଜାଭେଲିନ୍ କ୍ରୟକୁ କେବଳ ଏକ ପ୍ରତିରକ୍ଷା ଚୁକ୍ତି ଭାବେ ନୁହେଁ, ବରଂ ଭାରତ-ଆମେରିକା ପ୍ରତିରକ୍ଷା ଶିଳ୍ପର ଭବିଷ୍ୟତ ସହଯୋଗର ଆରମ୍ଭ ଭାବେ ଦେଖାଯାଉଛି । ମିଳିତ ଉତ୍ପାଦନ, ପ୍ରତିରକ୍ଷା ପ୍ରଯୁକ୍ତି ହସ୍ତାନ୍ତର ଓ ଭାରତୀୟ ପ୍ରତିରକ୍ଷା ଶିଳ୍ପର ବିକାଶ ଦିଗରେ ଏହି ଚୁକ୍ତି ଆଗାମୀ ଦିନରେ ନୂଆ ଦ୍ୱାର ଖୋଲିପାରେ ।

## ଅଡୁଆରେ ଚୌଦ୍ୱାର ସର୍କଲ ଜେଲ୍ ବରିଷ୍ଠ ଅଧୀକ୍ଷକ; ଜାମିନ ଦେଲେନି ହାଇକୋର୍ଟ



ନେପାଳ : ଅପରପକ୍ଷେ ଚୀନ୍ ସୀମାରେ ଫସି ରହିଥିବା ପ୍ରାୟ ୪୦୦ ଭାରତୀୟ ନାଗରିକଙ୍କ ସହ ଭାରତ ସରକାର ଯୋଗାଯୋଗ ସ୍ଥାପନ କରିବାରେ ସଫଳ ହୋଇଛନ୍ତି । ମାଉଣ୍ଟ କୈଳାସ ଏବଂ ମାନସରୋବରହ୍ରଦକୁ ଯାଉଥିବା ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଜିରୋଙ୍ଗ୍ ରୁଟ୍ ସବୁଠାରୁ ବହୁଳ ବ୍ୟବହୃତ ମାର୍ଗ ଥିବା ବେଳେ ଉକ୍ତ ଅଂଚଳରେ ପ୍ରଳୟଙ୍କରୀ କ୍ଷୟକ୍ଷତି ଘଟିଛି । ଭୋଟେକୋଶୀ ଏବଂ ତ୍ରିଶୁଳୀ ନଦୀ ଅଞ୍ଚଳରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପ୍ରଶାସନ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ହାଇ ଆଲର୍ଟ ଜାରି କରିଛି । ନେପାଳ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ନେପାଳରେ ୧୯୨୪ ଜଣ ଏବଂ ତିବ୍ବତ ଅଞ୍ଚଳରେ ୫୫୪ ଜଣ ନିଖୋଜ ଥିବା ସ୍ପଷ୍ଟ ହୋଇଛି ।ଏହି ନିଖୋଜଙ୍କ ମଧ୍ୟରେ ପର୍ଯ୍ୟଟକ ଓ ବିଦେଶୀ ଶ୍ରମିକଙ୍କୁ ମିଶାଇ ପ୍ରାୟ ୫୧୭ ଜଣ ବିଦେଶୀ ନାଗରିକ ରହିଛନ୍ତି । ଚୀନ୍ ପକ୍ଷରୁ ମଧ୍ୟ ସୀମାନ୍ତରେ ୨୬୦ ଜଣ ବିଦେଶୀ ନିଖୋଜ ଥିବା ନେଇ ସୂଚନା ଦିଆଯାଇଛି । ଅପରପକ୍ଷେ ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୨୧ ଜଣ ପର୍ଯ୍ୟଟକଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି । ବନ୍ୟା ଜଳରେ ଚୀନ୍ ସୀମାନ୍ତରେ ଥିବା ଜିରୋଙ୍ଗ୍ ଗେଟ୍ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଶୁକ୍ରବାର ୨୧ ଜଣିଆ ଚୀନ୍ ଉଦ୍ଧାରକାରୀ ଦଳ ପାହାଡ଼ ଏବଂ ଦୁର୍ଗମ ଜଙ୍ଗଲ ଅତିକ୍ରମ କରି ସେଠାରେ ପହଞ୍ଚିଛନ୍ତି ।

ସୀମା ଆରପାରିରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଏକ କୃତ୍ରିମ ହ୍ରଦର ଜଳ ତ୍ରିଶୁଳୀ ଏବଂ ଲହେନ୍ଦ ଖୋଲା ନଦୀକୁ ଗତକାଲିଠାରୁ ପ୍ରବାହିତ ହେବା ଆରମ୍ଭ କରିଥିବା ବେଳେ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ରହିଛି । ଉପର ମୁଣ୍ଡରେ ଥିବା ଅନ୍ୟ ୨ଟି କୃତ୍ରିମ ହ୍ରଦ ସମ୍ପୂର୍ଣ୍ଣ ନିଷ୍କାସିତ ନହେବା ପର୍ଯ୍ୟନ୍ତ ଏହି ବନ୍ୟା ବିପଦ ଟଳିବ ନାହିଁ ବୋଲି ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି । ଚୀନ୍ ଜଳସମ୍ପଦ ମନ୍ତ୍ରଣାଳୟ ଏହି ହ୍ରଦରେ ୨୫ ଲକ୍ଷ କ୍ୟୁବିକ୍ ମିଟର ଜଳ ଜମା ହୋଇ ରହିଛି । ଯଦି ଏହି ପ୍ରାକୃତିକ ବନ୍ଧ ଆଂଶିକ ଭାବେ ଭାଙ୍ଗିଯାଏ, ତେବେ ପ୍ରତି ସେକେଣ୍ଡରେ ପ୍ରାୟ ୫୦୦ କ୍ୟୁବିକ୍ ମିଟର ଜଳ ପ୍ରବାହିତ ହେବାର ଆଶଙ୍କା ରହିଛି ।

## କିଭ୍ ଉପରେ ରୁଷର ଆକ୍ରମଣ, ୨୭ ମୃତ



ନୂଆଦିଲ୍ଲୀ : ୟୁକ୍ରେନର ରାଜଧାନୀ କିଭ୍ ଉପରେ ରୁଷର ଆକ୍ରମଣ । ଫଳରେ ବୁଚା ଜିଲ୍ଲାରେ ରୁଷ ଆକ୍ରମଣରେ ୨୭ ଜଣ ପ୍ରାଣ ହରାଇଛନ୍ତି । ସ୍ଥାନୀୟ ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ତିମୁର ଟକାଚେଙ୍କୋଙ୍କ ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ୫୦ରୁ ଅଧିକ କୋଠା କ୍ଷତିଗ୍ରସ୍ତ ହୋଇଛି । ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଘର ଓ ରେଷ୍ଟୋରାଣ୍ଟକୁ ବ୍ୟାପିଯାଇଥିଲା । ତେବେ ଲଗାତାର ଆକ୍ରମଣ ଯୋଗୁଁ ଲୋକମାନେ ଭୟଭୀତ ହୋଇଛନ୍ତି । ଏହାପୂର୍ବରୁ ଶୁକ୍ରବାର ରୁଷ ସେନା ଲଗାତାର କିଭ ଏବଂ ଏହାର ଆଖାପାଖ ଅଞ୍ଚଳରେ ଡ୍ରୋନ ଆଟାକ୍ କରିଥିଲା । ଏହି ସମୟରେ ୧୨ରୁ ଅଧିକ ଆପାର୍ଟମେଣ୍ଟ ଏବଂ ଗୋଦାମ ଉପରେ ଟାର୍ଗେଟ କରାଯାଇଥିଲା । ଏହି ଆକ୍ରମଣରେ ବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ଏକ ସେବାଶ୍ରମ ଏବଂ ଅନେକ ଆବାସିକ କୋଠା ନଷ୍ଟ ହୋଇଛି । ବର୍ତ୍ତମାନ ସୁଦ୍ଧା ୩୭୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ଏହା ପୂର୍ବରୁ ଅଗଷ୍ଟ ୧୦ରେ ରୁଷରେ ଆକ୍ରମଣ କରିଥିଲା ୟୁକ୍ରେନ । ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦାମିର ଜେଲେନସ୍କି କହିଛନ୍ତି ଯେ, ମାଇଲା ଗ୍ରାମରେ ଥିବା ଏକ ଗୋଦାମ ଘର ଉପରେ କ୍ଷେପଣାସ୍ତ୍ର ମାଡ଼ ହେବା ପରେ ସେଠାରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା । ଆବାସିକ ଅଞ୍ଚଳ ନିକଟରେ ଗୋଳାବାରୁଦ ମହଜୁଦ ରଖିବା ନିୟମ ବିରୋଧୀ ହୋଇଥିବାରୁ ଏହି ଘଟଣାରେ ସରକାରୀ ଅବହେଳା ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ସୂଚନାଯୋଗ୍ୟ, ୟୁକ୍ରେନ-ରୁଷ ମଧ୍ୟରେ ଗତ ୪ ବର୍ଷ ହେଲାଣି ଯୁଦ୍ଧ ଚାଲିଛି । ଏହି ଆକ୍ରମଣରେ ୟୁକ୍ରେନ ରାଜଧାନୀ କିଭର ଆର୍ଥିକ କାରବାର ଠପ୍ ହୋଇଯାଇଛି । ସାଧାରଣ ଲୋକଙ୍କ ଜୀବନ ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ୟୁକ୍ରେନର ଅଫିସର ଦାବି କରିଛନ୍ତି କି, ରୁଷ ନିଜର ମିସାଇଲ ଭଣ୍ଡାରକୁ ବଢାଉଛି । ତେଣୁ ପ୍ରତ୍ୟେକ ଦିନ ବଡ଼ ଆକ୍ରମଣ କରୁଛି ।

## ସୁପ୍ରିମକୋର୍ଟରେ ଇଥାନଲ୍ ମିଶ୍ରଣ ପ୍ରସଙ୍ଗର ଶୁଣାଣି ସୋମବାର

ନୂଆଦିଲ୍ଲୀ: ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସୁପ୍ରିମକୋର୍ଟ ଆସନ୍ତା ୩୧ ତାରିଖ (ସୋମବାର) କରିବେ । ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକର ନୋଜଲ୍ ଏବଂ ପେଟ୍ରୋଲ ବିଲ୍‌ରେ ଇଥାନଲ୍‌ର ସଠିକ୍ ମାତ୍ରା ଉଲ୍ଲେଖ ନେଇ ଜନସ୍ୱାର୍ଥ ମାମଲାରେ ଆବେଦନ କରାଯାଇଛି । ଏହି ମାମଲାର ଶୁଣାଣି ସୁପ୍ରିମକୋର୍ଟର ବିଚାରପତି ଏମ୍ଏମ୍ ସୁନ୍ଦରେଶ ଓ ବିଚାରପତି ପ୍ରସନ୍ନା ବି ବରାଲେ କରିବେ । ପେଟ୍ରୋଲ ପମ୍ପରେ ଗାଡ଼ିରେ ତେଲ ପକାଇବା ପାଇଁ ଉପଯୋଗ କରାଯାଉଥିବା ପ୍ରତ୍ୟେକ ନୋଜଲ୍‌ରେ ଇଥାନଲ୍‌ର ପ୍ରତିଶତ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ପାଇଁ ପ୍ରାର୍ଥନା କରାଯାଇଛି । ଏଥିସହିତ ପେଟ୍ରୋଲ କ୍ରୟ ସମୟରେ ଗ୍ରାହକଙ୍କୁ ମିଳୁଥିବା ରସିଦରେ ଏହା ନିଶ୍ଚିତ ଭାବେ ଉଲ୍ଲେଖ ରହିବା ଆବଶ୍ୟକ ଯେ ସେଥିରେ କେତେ ପ୍ରତିଶତ ଇଥାନଲ୍ ମିଶିଛି । ଗାଡ଼ିଗୁଡ଼ିକ ଇ୨୦ କିମ୍ବା ଅନ୍ୟ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ଅନୁକୂଳ କି ନୁହେଁ ତାହା ଜାଣିବା ନିମନ୍ତେ ସରକାର ଏକ ଅନଲାଇନ୍ ଡାଟାବେସ୍ ପ୍ରସ୍ତୁତ କରନ୍ତୁ ଯେଉଁଥିରେ ଗାଡ଼ି ନିର୍ମାତା, ମଡେଲ, ଇଞ୍ଜିନର ପ୍ରକାର ଏବଂ ନିର୍ମାଣ ବର୍ଷ ଅନୁସାରେ ଗାଡ଼ି ଖୋଜିବା ସହଜ ହେବ । ଇ୨୦ ପେଟ୍ରୋଲର ପ୍ରଭାବ ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଆବେଦନ କରାଯାଇଛି । ଏହି କମିଟିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପ୍ରତିନିଧି, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ପ୍ରତିନିଧି, ଭାରତୀୟ ମାନକ ବ୍ୟୁରୋର ପ୍ରତିନିଧି ଏବଂ ସ୍ୱତନ୍ତ୍ର ଅଟୋମୋବାଇଲ ଇଞ୍ଜିନିୟର୍ସ ରହିବା ଆବଶ୍ୟକ । ଏମାନେ ବିଭିନ୍ନ ଦିଗର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ ।

## ମଧ୍ୟପ୍ରଦେଶରେ ୩୦ ଫୁଟ ତଳକୁ ଖସିଲା ବସ୍, ୫ ମୃତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବ୍ୟାବରା ସହରର ଭୋପାଳ ବାଇପାସରେ ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ବ୍ୟାବରା ସିଭିଲ୍ ହସ୍ପିଟାଲକୁ ପଠାଇଥିଲା । ଗୁରୁତର ଆହତଙ୍କୁ ପରେ ଭୋପାଳକୁ ରେଫର୍ କରାଯାଇଛି । ଖବର ମୁତାବକ, ସକାଳ ପ୍ରାୟ ୭ଟା ସମୟରେ ଭୋପାଳ ବାଇପାସ୍ ପୋଲ ଉପରେ ବସ୍ ଟି ଉତ୍ତରପ୍ରଦେଶର କାନପୁରରୁ ଇନ୍ଦୋର ଯାଉଥିଲା । ପୋଲ ଉପରେ ମୋଡ଼ ନେବା ସମୟରେ ବସଟି ନିୟନ୍ତ୍ରଣ ହରାଇ କଡ଼ରେ ଥିବା ବାଡ଼ରେ ଧକ୍କା ହୋଇଥିଲା । ଫଳରେ ପ୍ରାୟ ୩୦ ଫୁଟ୍ ଉଚ୍ଚ ପୋଲରୁ ପ୍ରାୟ ୪ ଜଣ ଯାତ୍ରୀ ତଳେ ଥିବା ସର୍ଭିସ୍ ରୋଡକୁ ଖସି ପଡ଼ିଥିଲେ । ଏହି ଦୁର୍ଘଟଣାରେ ଇନ୍ସପେକ୍ଟର ରବି କେଭି, ବସ୍ ଚାଳକ ବିକାଶ ଶୁକ୍ଲା, ବେଲାଲ୍ ଅଲୀ ଏବଂ ଜ୍ୟୋତିରାଦିତ୍ୟ ସିଂହ ଗୋଦଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

# ବନ୍ୟା ବିଭୀଷିକାରେ ସବୁ ହରାଇଥିଲା ପରିବାର, ହେଲେ ତିନି ଦିନ ପରେ ମିଳିଗଲା ପୁଅ

ନେପାଳ : ନେପାଳରେ ଆସିଥିବା ଭୀଷଣ ବନ୍ୟାରେ ଏବେ ଯାଏଁ ପ୍ରାୟ ୬୦୦ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫୦୦ ରୁ ଅଧିକା ଲୋକ ନିଖୋଜ ଅଛନ୍ତି । କିନ୍ତୁ ଏହି ବନ୍ୟା ଜଣେ ୮ ବର୍ଷର ଛୁଆକୁ ନିଜ ମା ସହ ମିଶାଇଥିଲା ଯାହା ଅନ୍ୟ ମାନଙ୍କୁ ଏକ ଅଶାର କିରଣ ଯୋଗାଇଥିଲା । ନେପାଳରେ ଆସିଥିବା ଭୀଷଣ ବନ୍ୟା ବ୍ୟାପକ କ୍ଷୟକ୍ଷତି କରିଛି , କିନ୍ତୁ ଏସବୁ ମଧ୍ୟରେ ୮ ବର୍ଷିୟ ଜଣେ ବାଳକ ଶେଷରେ ସୁରକ୍ଷିତ ଭାବେ ନିଜ ମାଙ୍କ କୋଳକୁ ଫେରି ଆସିଥିଲେ । ପୁଅ ନିଖୋଜ ହେବା ପରେ ମା ଙ୍କୁ ଡର ଥିଲା କି ସେ ଏବଂ ତା ଭାଇ ଦୁହେଁ ବନ୍ୟା କବଳରେ ଫସିଯାଇଛନ୍ତି । ଆଠ ବର୍ଷିୟ ଜୋଏଲ ଘାଲେ ନେପାଳରେ ଆସିଥିବା ବନ୍ୟା ବେଳେ ନିଜ ଜୀବନ ବଞ୍ଚାଇବା ପାଇଁ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ ଏବଂ ଏକ ଗଛ ଉପରେ ଚଢିଯାଇଥିଲେ । ଶୁକ୍ରବାର ଦିନ ଜୋଏଲଙ୍କୁ ବନ୍ୟା ପ୍ରଭାବିତ ରସୁବା ଜିଲ୍ଲାରୁ ଏୟାରଲିଫ୍ଟ କରାଯାଇ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ତାଙ୍କ ମୁହଁରେ କଟା ଦାଗ



ହୋଇଥିବା ବେଳେ ଗୋଡରେ କ୍ଷତ ଶୃଷ୍ଟି ହୋଇଥିଲା । ଜୋୟାଲଙ୍କ ମାଆ, ମାଟି ମାୟା ତାମାଙ୍ଗ, ନିଜ ପିଲାମାନଙ୍କୁ ଖୋଜିବା ପାଇଁ ଗୋଟିଏ ରିଲିଫ୍ କ୍ୟାମ୍ପରୁ ଅନ୍ୟ ଏକ କ୍ୟାମ୍ପକୁ ଯାଉଥିଲେ । ଅଗଷ୍ଟ ୨୬, ବୁଧବାର ସକାଳେ ଜୋୟାଲ୍ ଏବଂ ତାଙ୍କ ଭାଇ ବିଦ୍ୟାଳୟ ଗାଡ଼ିରେ ସ୍କୁଲ୍ ଯାଇଥିଲେ । ସେହି ସମୟରେ ତାଙ୍କ ମା' ଘରେ ବୁଣାକାମ କରୁଥିଲେ । ହଠାତ୍, ସେ ଭୂକମ୍ପ ଭଳି ଏକ ଶବ୍ଦ ଶୁଣିବାକୁ ପାଇଲେ । ଏହା ପରେ, ପାଣି ଏବଂ ଭଗ୍ନାବଶେଷର ଏକ ପ୍ରବଳ ସ୍ରୋତ ସେହି ଅଞ୍ଚଳ ଦେଇ ମାଡ଼ି ଆସିଥିଲା । ଖବର ମିଳିଲା ଯେ ମାଉଣ୍ଟ ଲାଙ୍ଗଟାଙ୍ଗ୍ ଲିରୁଙ୍ଗ୍ ନିକଟସ୍ଥ ଏକ ହିମବାହର ଅଂଶ ଭାଙ୍ଗି ଖସିପଡ଼ିଥିଲା; ଏହା ଫଳରେ ବରଫ, ପଥର ଏବଂ ଭଗ୍ନାବଶେଷ ଉପତ୍ୟକା ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଆସିଥିଲା, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଯେତେବେଳେ ମାୟା ନିଜ ପୁଅମାନଙ୍କୁ ଖୋଜିବା ପାଇଁ ସ୍କୁଲରେ ପହଞ୍ଚିଲେ, ସେଠାକାର ଦୃଶ୍ୟ ଦେଖି ସେ ସ୍ତବ୍ଧ ହୋଇଯାଇଥିଲେ । ସ୍କୁଲ୍‌ର କୋଠାବାଡ଼ି ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଥିଲା ଏବଂ ସେହି ଅଞ୍ଚଳଟି ଚିହ୍ନିବା ଯୋଗ୍ୟ ରହିନଥିଲା । ତାଙ୍କ ଘରଠାରୁ ସ୍କୁଲ୍‌ଟି ମାତ୍ର ୧୫-୨୦ ମିନିଟ୍‌ର ଦୂରରେ ଥିଲା । ସେ ଦିନ ଦିନ ଧରି ନିଜ ପିଲାମାନଙ୍କୁ ଖୋଜିଲେ, କିନ୍ତୁ ସେମାନଙ୍କର କୌଣସି ସନ୍ଧାନ ନ ମିଳିବାରୁ ତାଙ୍କର ଆଶା କ୍ରମଶଃ କ୍ଷୀଣ ହେବାକୁ ଲାଗିଥିଲା । ଏହି ସମୟରେ, ସେ ରଏଟର୍ସର ଜଣେ ସାମ୍ବାଦିକଙ୍କ ସହ କଥା ହୋଇଥିଲେ—ସେହି ସାମ୍ବାଦିକ ଯିଏ ପୂର୍ବରୁ ତାଙ୍କ ପୁଅ ଘାଲେଙ୍କ ସହ ମଧ୍ୟ କଥା ହୋଇଥିଲେ, ଏହି ଖବର ପାଇବା ପରେ ମାୟାଙ୍କ ମନରେ ଆଶାର ଏକ କିରଣ ଜାଗ୍ରତ ହୋଇଥିଲା । ଶୁକ୍ରବାର ଦିନ ସେ ଫୋନ୍ ଯୋଗେ ନିଜ ପୁଅ ସହ କଥା ହୋଇଥିଲେ ଏବଂ ତା'ପରେ ତାଙ୍କୁ ଘରକୁ ଆଣିବା ପାଇଁ କାଠମାଣ୍ଡୁସ୍ଥିତ ଡାକ୍ତରଖାନା ଯାଇଥିଲେ । ମାୟା ଜଣାଇଥିଲେ ଯେ ଘାଲେଙ୍କ ବାପା ମଧ୍ୟ ପରିବାରକୁ ଭେଟିବା ପାଇଁ ଆସିଥିଲେ । ଘାଲେଙ୍କ ପରିବାର ସେହି ଅଳ୍ପ କିଛି ଭାଗ୍ୟବାନ୍ ପରିବାର ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁମାନେ ଏହି ଭୟଙ୍କର ବିପର୍ଯ୍ୟୟରୁ ବର୍ତ୍ତି ଯାଇଛନ୍ତି । ତଥାପି, ନେପାଳ ଓ ତିବ୍ବତରେ ଆସିଥିବା ବନ୍ୟାରେ ବର୍ତ୍ତମାନ ସୁଦ୍ଧା ୫୮୦ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଥିବାବେଳେ ୨,୫୦୦ ଲୋକ ନିଖୋଜ ଥିବା ଖବର ମିଳିଛି । ଏହି ଭୟଙ୍କର ବନ୍ୟା ରାସୁୱା ଜିଲ୍ଲାର ଲୋକଙ୍କ ଜୀବନଶୈଳୀକୁ ବଦଳାଇ ଦେଇଥିଲା । ତଥାପି, ଘାଲେ ଏବଂ ତାଙ୍କ ପରିବାର ପାଇଁ ପରିସ୍ଥିତି ଅନ୍ତତଃ ପକ୍ଷେ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି ।

## ଏଭରେଷ୍ଟ ବିରୋଧରେ ଏଫ୍‌ଏସ୍‌ଏସ୍‌ଏଆଇର କାର୍ଯ୍ୟାନୁଷ୍ଠାନ ହେଙ୍ଗୁ ନିଷିଦ୍ଧ, ଖରାପ ମାନର ୩ ପ୍ରକାର ମସଲା ଚିହ୍ନଟ

ନୂଆଦିଲ୍ଲୀ: ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ଦୁଇ କମ୍ପାନି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । ସେମାନେ ହେଲେ ଏଭରେଷ୍ଟ ଫୁଡ୍ ପ୍ରଡକ୍ଟସ ଏବଂ ଲାଲଜୀ ଗୋଧୁ । ଏହି ଦୁଇ କମ୍ପାନିର ହେଙ୍ଗୁକୁ ଏଫ୍‌ଏସ୍‌ଏସ୍‌ଏଆଇ ଅସ୍ଥାୟୀ ଭାବେ ନିଷିଦ୍ଧ କରିଛି । ପରୀକ୍ଷାରୁ ଏହି କମ୍ପାନି ଦ୍ୱୟର ହେଙ୍ଗୁ ଧାର୍ଯ୍ୟ ମାନର ହୋଇ ନଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କମ୍ପାନିଗୁଡ଼ିକୁ ଉଲ୍ଲଂଘନ ବିଷୟରେ ବୁଝାଇବାକୁ ଏବଂ ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକ କିପରି ପାଳନ କରିବେ ସେ ବିଷୟରେ ବିସ୍ତୃତ କାର୍ଯ୍ୟ ଯୋଜନା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବଜାରରେ ଥିବା ନିମ୍ନମାନର ଉତ୍ପାଦକୁ ନିଜଆଡୁ ପ୍ରତ୍ୟାହାର କରିନେବା ପାଇଁ କୁହାଯାଇଛି । ନିୟମ ପାଳନ ନକରିବା ପର୍ଯ୍ୟନ୍ତ ଏହି ନିଷେଧାଦେଶ ଜାରି ରହିବ ।

ଏଫ୍‌ଏସ୍‌ଏସ୍‌ଏଆଇ ମଧ୍ୟ ଏଭରେଷ୍ଟର ଅଣ୍ଡା ତରକାରୀ ମସଲା, ଚିକେନ୍ ମସଲା ଏବଂ ଗରମ ମସଲାରେ ନିୟମ ପାଳନ ହୋଇ ନଥିବା ଚିହ୍ନଟ କରିଛି । ତଥାପି ଏହି ତିନୋଟି ଉତ୍ପାଦକୁ ନିଷିଦ୍ଧ କରାଯାଇ ନାହିଁ । ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ କୁହାଯାଇଛି ଜଣେ ଗ୍ରାହକଙ୍କ ଅଭିଯୋଗ ପରେ ପ୍ରମୁଖ ହେଙ୍ଗୁ ବ୍ରାଣ୍ଡ ଗୁଡ଼ିକ ଉପରେ ନଜର ରଖାଯାଇଥିଲା । କମ୍ପାନିର ମୁମ୍ବାଇ ଏବଂ ଉମ୍ବରଗାଓଁ ସ୍ଥିତ ଉତ୍ପାଦନ ୟୁନିଟରୁ ନମୁନା ସଂଗ୍ରହ କରାଯାଇଥିଲା । ସେଗୁଡ଼ିକ ଧାର୍ଯ୍ୟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିଲେ । ହେଙ୍ଗୁରେ ଅତିକମ୍‌ରେ ୫ ପ୍ରତିଶତ ଆଲକୋହଲ ଦ୍ରବଣୀୟ ସାମଗ୍ରୀ ରହିବା ଆବଶ୍ୟକ । କିନ୍ତୁ ସେଥିରେ ମାତ୍ର ଶୂନରୁ ୩ ପ୍ରତିଶତ ଆଲକୋହଲ ଦ୍ରବଣୀୟ ସାମଗ୍ରୀ ଥିଲା । ଲାଲ୍‌ଜୀ ଗୋଧୁ ହେଙ୍ଗୁରେ ୧୫ରୁ ୩୨ ପ୍ରତିଶତ ଷ୍ଟାର୍ଚ୍ଚ ରହିଥିଲା । କିନ୍ତୁ ୧ ପ୍ରତିଶତ ଷ୍ଟାର୍ଚ୍ଚ ରହିବା ନିୟମ ରହିଛି ।

ଭାରତୀୟ କୁସ୍ତିକୁ ଦୋହଲାଇଲା ଡୋପିଂ ଝଡ

# କଠୋର ନିୟମ ଆଣିଲା ଡବ୍ଲ୍ୟୁଏଫଆଇ

**ନୂଆଦିଲ୍ଲୀ,୨୯।୮ :** ଭାରତୀୟ କୁସ୍ତିରେ ଲଗାତାର ଡୋପିଂ ଏବଂ ହୋୟାରଏବାଉଟ୍ସ ବା ଠିକଣା ନିୟମ ଉଲ୍ଲଂଘନ ମାମଲା ସାମ୍ନାକୁ ଆସିବା ପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଭାରତୀୟ କୁସ୍ତି ମହାସଂଘ। କୁସ୍ତିଯୋଦ୍ଧାମାନେ ସେମାନଙ୍କ ଶରୀରକୁ ଯାଉଥିବା ଔଷଧ, ସପ୍ଲିମେଣ୍ଟ ଓ ଅନ୍ୟ ପଦାର୍ଥ ପାଇଁ ନିଜେ ଦାୟୀ ବୋଲି ସ୍ପଷ୍ଟ କରିଛି ମହାସଂଘ। ଡୋପିଂ ମାମଲାରେ ଦୁଇ ଏସୀୟ କ୍ରୀଡ଼ା ମନୋନୀତ କୁସ୍ତିଯୋଦ୍ଧା ମୁକୁଲ ଦହିୟା ଓ ଦୀପାଂଶୁଙ୍କୁ ଦଳରୁ ବାଦ୍ ଦେବାକୁ ପଡ଼ିବା ପରେ ଡବ୍ଲ୍ୟୁଏଫ୍ଆଇ ଏହି କଡ଼ା ନିର୍ଦ୍ଦେଶ ଜାରି କରିଛି। ଏହି ଡୋପିଂ କେଲେଙ୍କାରୀ ପାଇଁ କିନ୍ତୁ ଏସୀୟ କ୍ରୀଡ଼ାରେ ଭାରତ ଦୁଇଟି କୁସ୍ତି ବର୍ଗରେ ପ୍ରତିଯୋଗିତା କରିବାର ସୁଯୋଗ ହରାଇଛି। ୮୬ କିଲୋଗ୍ରାମ ଫ୍ରିଷ୍ଟାଇଲ୍ ବର୍ଗର ମୁକୁଲ ଦହିୟା ଏବଂ ୧୩୦ କିଲୋଗ୍ରାମ ଗ୍ରିକୋ-ରୋମାନ୍ ବର୍ଗର ଦୀପାଂଶୁଙ୍କୁ ଡୋପିଂ ମାମଲା ପରେ ଏସୀୟ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି। ୨୦୨୬ ଏସୀୟ କୁସ୍ତି ପ୍ରତିଯୋଗିତାରେ ରୌପ୍ୟ ଜିତିଥିବା ମୁକୁଲ ମେ ୩୧ରେ ଲକ୍ଷ୍ନୌସ୍ଥିତ ସାଇ କେନ୍ଦ୍ରରେ ହୋଇଥିବା ଏସୀୟ କ୍ରୀଡ଼ା ଚୟନ ପରୀକ୍ଷାରେ



୮୬ କିଲୋଗ୍ରାମ ବର୍ଗରେ ପ୍ରଥମ ହୋଇଥିଲେ। ତାଙ୍କ ନମୁନାରେ ନିଷିଦ୍ଧ ଉତ୍ତେଜକ 'ମେଫେଣ୍ଟର୍ମାଇନ୍' ମିଳିବା ପରେ ନାଡା ତାଙ୍କୁ ଅସ୍ଥାୟୀ ଭାବେ ନିଲମ୍ବନ କରିଛି। ମୁକୁଲ ଜଣେ ସାଥୀ କୁସ୍ତିଯୋଦ୍ଧାଙ୍କ ପରାମର୍ଶରେ ଇଞ୍ଜେକ୍ସନ ନେଇଥିବା କହିଥିବା ଜଣାପଡ଼ିଛି। ତେବେ ଡବ୍ଲ୍ୟୁଏଫ୍ଆଇର ଜଣେ ଅଧିକାରୀ କହିଛନ୍ତି, ନିଜ ଶରୀରକୁ କ'ଣ ଯାଉଛି ସେଥିପାଇଁ କ୍ରୀଡ଼ାବିତଙ୍କୁ ନିଜେ ଦାୟିତ୍ୱ ନେବାକୁ ପଡ଼ିବ। ଅନ୍ୟପକ୍ଷରେ ଦୀପାଂଶୁଙ୍କୁ ଷ୍ଟାନୋଜୋଲଲ୍ ପାଇଁ ଦ୍ୱିତୀୟ ଥର ଆଣ୍ଟି-ଡୋପିଂ ଅପରାଧରେ ଦୋଷୀ ଧରାଯାଇଥିବାରୁ ୮ ବର୍ଷର ବାସନ୍ଦାଦେଶ ମିଳିଥିବା ଡବ୍ଲ୍ୟୁଏଫ୍ଆଇ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ମଧ୍ୟ ସେହି ପଦାର୍ଥ ପାଇଁ ସେ ୩ ବର୍ଷର ବାସନ୍ଦାଦେଶ ଭୋଗିଥିଲେ। ଏହି ଦୁଇ ମାମଲା ଯୋଗୁଁ ଏସୀୟ କ୍ରୀଡ଼ା ପାଇଁ ଭାରତର କୁସ୍ତି ଦଳ ୧୮ରୁ ୧୬ ଜଣକୁ ହ୍ରାସ ପାଇଛି। ଏବେ ଡୋପିଂ ଚିନ୍ତା ୨୩ବର୍ଷରୁ କମ ବା କନିଷ୍ଠ ଓ ଯୁବ ସ୍ତରକୁ ମଧ୍ୟ ବ୍ୟାପିଛି। ଜୁଲାଇରେ ରୋହତକରେ ହୋଇଥିବା ଜାତୀୟ ୨୩ବର୍ଷରୁ କମ୍ କୁସ୍ତି ପ୍ରତିଯୋଗିତାରେ ପଦକ ଜିତିଥିବା ନିଖିଲ (୫୫ କେଜି ଗ୍ରୀକୋ-ରୋମାନ) ଓ ରୋହିତ କୁମାର (୬୫ କିଲୋଗ୍ରାମ ଫ୍ରିଷ୍ଟାଇଲ୍) ମଧ୍ୟ ନିଷିଦ୍ଧ ପଦାର୍ଥ ସେବନ ମାମଲାରେ ଅସ୍ଥାୟୀ ଭାବେ ନିଲମ୍ବିତ ହୋଇଛନ୍ତି। ଫଳରେ ସେମାନେ ବିଶ୍ୱ ୨୩ ବର୍ଷରୁ କମ୍ ଚାମ୍ପିଅନସିପ୍ ଚୟନ ପରୀକ୍ଷାରେ ଭାଗ ନେଇପାରିବେ ନାହିଁ। ଏହା ସହ ୨୦୨୪ ମସିହାର ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନ ଚିରାଗ ଛିକାରାଙ୍କ ବିରୋଧରେ ମଧ୍ୟ ହୋୟାରଏବାଉଟ୍ସ ଉଲ୍ଲଂଘନ ମାମଲା ଆସିଛି। ଏଥିଲାଗି ଔଷଧ, ସପ୍ଲିମେଣ୍ଟ କିମ୍ବା ପୋଷଣ ସାମଗ୍ରୀ ନେବା ପୂର୍ବରୁ ସେଥିରେ କୌଣସି ନିଷିଦ୍ଧ ପଦାର୍ଥ ଅଛି କି ନାହିଁ ଯାଞ୍ଚ କରିବାକୁ ଡବ୍ଲ୍ୟୁଏଫଆଇ ପରାମର୍ଶ ଦେଇଛି।

# ପାକ୍-ଇଂଲଣ୍ଡ ଟେଷ୍ଟରେ ପଶିଲା ରାଜନୀତି




**ଲଣ୍ଡନ,୨୯।୮ :** ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯାଉଥିବା ପାକିସ୍ତାନ ଓ ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟରେ ରାଜନୀତି ପ୍ରବେଶ କରିଛି। ଏହି ମ୍ୟାଚ୍ ପ୍ରସାରଣ କରୁଥିବା ଟିଭି ଚ୍ୟାନେଲ୍‌ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କ୍ରିକେଟର ଇମ୍ରାନ ଖାଁଙ୍କ ଦୁଇ ପୁଅଙ୍କ ସାକ୍ଷାତକାରର ପ୍ରସାରଣକୁ ନେଇ ବିବାଦ ଦେଖାଦେଇଛି। ଏହା ଫଳରେ ପ୍ରଥମ ଦିନରେ ମ୍ୟାଚ୍ ବର୍ଜନ କରିବାକୁ ପାକିସ୍ତାନ କ୍ରିକେଟ୍ ଦଳ ଧମକ ଦେଇଥିଲା। ତେବେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି)ର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ ସ୍କାଏ ସ୍ପୋର୍ଟସରେ ଇଂଲଣ୍ଡ-ପାକ୍ ଶୃଙ୍ଖଳାର ସିଧା ପ୍ରସାରଣ କରାଯାଉଛି। ଏହି ଚ୍ୟାନେଲ୍‌ରେ ପୂର୍ବତନ ଅଧିନାୟକ ମାଇକ୍ ଆଥର୍ଟନଙ୍କ ଦ୍ୱାରା ଇମ୍ରାନ ଖାଁଙ୍କ ଦୁଇ ପୁଅ ସୁଲେମାନ ଓ କାସିମଙ୍କ ନିଆଯାଇଥିବା ଏକ ସାକ୍ଷାତକାର ପ୍ରସାରଣ ହେବାର ଥିଲା। କିନ୍ତୁ ଏହି ସାକ୍ଷାତକାରର ପ୍ରସାରଣ ହେଲେ ମ୍ୟାଚ୍ ବର୍ଜନ କରିବ ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଧମକ ଦେଇଥିଲା। ଏହା ସତ୍ତ୍ୱେ ଉକ୍ତ ଚ୍ୟାନେଲରେ ସାକ୍ଷାତକାରର ପ୍ରସାରଣ ହୋଇଥିଲା। ସେଥିରେ ଜେଲରେ ଇମ୍ରାନଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଥିବା ତାଙ୍କର ଦୁଇ ପୁଅ ଅଭିଯୋଗ କରିଥିଲେ। ଏହାପରେ କ୍ଷୁବ୍ଧ ହୋଇ ପିସିବି ପାକିସ୍ତାନୀ ଖେଳାଳିଙ୍କୁ ପଡ଼ିଆକୁ ନ ଓହ୍ଲାଇବାକୁ ନିର୍ଦ୍ଦେଶ ଦେଇଥିଲା। ଇସିବି ହସ୍ତକ୍ଷେପ ପରେ ପାକିସ୍ତାନ ଖେଳାଳିମାନେ ପଡ଼ିଆକୁ ଓହ୍ଲାଇଥିଲେ।

# କଳିଙ୍ଗ ଷ୍ଟାଡିୟମ୍‌ରେ ରୋଲ୍‌ବଲ୍ କୋର୍ଟ



**ଭୁବନେଶ୍ୱର,୨୯।୮ :** ଓଡିଶାର କ୍ରୀଡା ମାନଚିତ୍ରରେ ଆଉ ଏକ ଭଲ ଭିତ୍ତିଭୂମି ଯୋଡି ହେବାକୁ ଯାଉଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଖୁବ୍ ଶୀଘ୍ର ରୋଲ୍ ବଲ୍‌ର ଏକ ନୂଆ କୋର୍ଟ କାମ ଆଗେଇ ଚାଲିଛି। ଯାହାକି ରାଜ୍ୟ ରାଜ୍ୟର କ୍ରୀଡା ଭିତ୍ତିଭୂମି ତାଲିକାରେ ଆଉ ଏକ 'ପ୍ରଥମ' ଯୋଡିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମ୍‌ର ଗେଟ୍ ନମ୍ବର ୮ ପ୍ରବେଶ ଦ୍ୱାରରେ ଏହାର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବର୍ଷା ପ୍ରତିବଂଧକ ସାଜିଥିବାବେଳେ ମାତ୍ର ୫ ପ୍ରତିଶତ କାମ ବାକି ରହିଛି।

ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଏହି ଖେଳ ଉପଯୋଗୀ ହୋଇଯିବ' ବୋଲି ପ୍ରକାଶ କରିଛନ୍ତି ଓଡିଶା ରୋଲ୍ ବଲ୍ ସଂଘର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା। ୪୦ ଗୁଣା ୨୦ ମିଟର୍ ବିଶିଷ୍ଟ ଏହି କ୍ଷେତ୍ର ଲୋକାର୍ପିତ ହେଲେ ରାଜ୍ୟରେ ପ୍ରଥମ ଅନ୍ତର୍ଜାତୀୟ ସ୍ତରର ରୋଲ୍ ବଲ୍ କୋର୍ଟ ରାଜ୍ୟର ଖେଳାଳିଙ୍କୁ ଅଭ୍ୟାସ ସହିତ ଜାତୀୟ ପ୍ରତିଯୋଗିତା ଆୟୋଜନ ପାଇଁ ସୁଯୋଗ ବି ଆଣିଦେବ ବୋଲି ବିଶ୍ୱାସ କରାଯାଉଛି। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ବହନ କରୁଛି। ଏଥି ପାଇଁ ଶ୍ରୀ ଜେନା ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସଚିବ ଭୂପିନ୍ଦର ସିଂହ ପୁନିଆଙ୍କ ସହ ଅନ୍ୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂଆ ରୋଲ୍ ବଲ୍ କୋର୍ଟ ଏହି ଖେଳ ପାଇଁ ଭୁବନେଶ୍ୱରକୁ ଭାରତର ଅନ୍ୟତମ ହବ୍ ଭାବେ ଉଭା କରାଇବ ବୋଲି ମଧ୍ୟ ଶ୍ରୀ ଜେନା ଆଶା ପ୍ରକଟ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ପ୍ରଶାସନ ଓ ପିଡବ୍ଲ୍ୟୁଡି ଇଂଜିନିୟର ମାନଙ୍କ ଉତ୍ତମ ଯୋଜନା ଓ ଉଚ୍ଚମାନର ନିର୍ମାଣ କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରାଯାଇଛି। ଭବିଷ୍ୟତରେ ଏହି ରୋଲ୍ ବଲ୍ କୋର୍ଟ ଖେଳାଳି, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ପରିବାରଙ୍କୁ ଖେଳ ପ୍ରତି ଆକର୍ଷିତ ଓ ଉତ୍ସାହିତ କରିବ ବୋଲି ବିଶ୍ୱାସ କରାଯାଉଛି।

# ଆଇଆଇଟି ମାଡ୍ରାସ ଆଣିଲା ନୂଆ ଖେଳ 'ଫିବଲ'

**ନୂଆଦିଲ୍ଲୀ,୨୯।୮ :** ବାସ୍କେଟବଲ୍‌କୁ ନୂଆ ଢଙ୍ଗରେ ଖେଳିବାର ସୁଯୋଗ ଦେବାକୁ ଆଇଆଇଟି ମାଡ୍ରାସ ଆଣିଛି ନୂଆ ଖେଳ 'ଫିବଲ୍'। ଟେନିସ୍ ସହ ପିକଲବଲ୍‌ର ସମ୍ପର୍କ ଯେପରି, ବାସ୍କେଟବଲ୍‌ର ଏକ ନୂଆ ରୂପ ଭାବେ ଫିବଲ୍‌କୁ ପରିକଳ୍ପନା କରାଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏହି ଖେଳର ଶୁଭାରମ୍ଭ କରାଯାଇଛି। ଆଇଆଇଟି ମାଡ୍ରାସର ଡିନ୍ ଅଫ୍ ଷ୍ଟୁଡେଣ୍ଟସ୍ ପ୍ରଫେସର ସତ୍ୟନାରାୟଣ ଏନ୍. ଗୁମ୍ମାଡିଙ୍କ ଉଦ୍ୟମରେ ଫିବଲ୍‌ର ପରିକଳ୍ପନା କରାଯାଇଛି। ବାସ୍କେଟବଲ୍ ସହ ନେଟବଲ୍‌ର କିଛି ନିୟମକୁ ମିଶାଇ ଏହାକୁ ଏକ ଦ୍ରୁତଗତି ଓ ରୋମାଞ୍ଚକର ଖେଳ ଭାବେ ବିକଶିତ କରାଯାଇଛି। ଫିବଲ୍‌ର ସବୁଠାରୁ ବଡ଼ ବିଶେଷତା ହେଉଛି ଗୋଟିଏ କୋର୍ଟରେ ଏକାସାଙ୍ଗରେ ୩ଟି ଦଳ ପ୍ରତିଦ୍ୱନ୍ଦ୍ୱିତା କରିବେ । ପାରମ୍ପରିକ ଆୟତାକାର ବାସ୍କେଟବଲ୍ କୋର୍ଟ ପରିବର୍ତ୍ତ ? ପ୍ରାୟ ୨୬ ମିଟର ବ୍ୟାସର ଏକ ବୃତ୍ତାକାର କୋର୍ଟରେ



ଖେଳାଯିବ। କୋର୍ଟରେ ୩ଟି ରିମ୍ ରହିବ । ଫଳରେ ଖେଳାଳିମାନଙ୍କୁ ଏକାସାଙ୍ଗରେ ଦୁଇ ପ୍ରତିପକ୍ଷ ଦଳ ଉପରେ ନଜର ରଖିବାକୁ ହେବ। ଖେଳ ସମୟରେ ଦ୍ରୁତ ନିଷ୍ପତ୍ତି ନେବା ସହ ପରିସ୍ଥିତି ଅନୁଯାୟୀ ତୁରନ୍ତ ରଣନୀତି ବଦଳାଇବା ଆବଶ୍ୟକ ହେବ । ଫିବଲର ପ୍ରେରଣା ଆମେରିକାର 'ଓମେଗାବଲ୍'ରୁ ମିଳିଛି। ଏପ୍ରିଲ୍‌ରେ ଆଇଆଇଟି ମାଡ୍ରାସରେ ତିନି ଦଳକୁ ନେଇ ଫୁଟବଲ୍‌ର ଏକ ନୂଆ ରୂପ ମଧ୍ୟ ଖେଳାଯାଇଥିଲା । ଭାରତୀୟ ସ୍କୁଲ୍ ଓ କଲେଜ୍‌ରେ ବାସ୍କେଟବଲ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏହାର ତିନି ଦଳୀୟ ରୂପ ଭାବେ ଫିବଲ୍‌କୁ ବିକଶିତ କରାଯାଇଛି । ଫିବଲ୍‌ରେ ଦ୍ରୁତ ଖେଳକୁ ଗୁରୁତ୍ୱ ଦିଆଯାଇଛି। ଜଣେ ଖେଳାଳି ସର୍ବାଧିକ ୩ ଥର ଡ୍ରିବଲ୍ କରିପାରିବେ। ତେଣୁ ଖେଳାଳିଙ୍କୁ ବଲ୍‌କୁ ଦୀର୍ଘ ସମୟ ନିଜ ପାଖରେ ରଖିବାର ସୁଯୋଗ ମିଳିବ ନାହିଁ । ଶୀଘ୍ର ପାସ୍ କରି ଦଳୀୟ ସମନ୍ୱୟରେ ଖେଳିବାକୁ ପଡ଼ିବ। ଏଥିସହ ବଲ୍ ଦଖଲ କରିବା ପରେ ପ୍ରତ୍ୟେକ ଦଳକୁ ୨୪ ସେକେଣ୍ଡ ମଧ୍ୟରେ ଶଟ ନେବାକୁ ହେବ। ଏହା ଖେଳକୁ ଅଧିକ ଦ୍ରୁତ ଓ ଉତ୍ତେଜନାପୂର୍ଣ୍ଣ କରିବ। ପାରମ୍ପରିକ ବାସ୍କେଟବଲଠାରୁ ଫିବଲ୍‌ର ଆଉ ଏକ ପ୍ରମୁଖ ପାର୍ଥକ୍ୟ ହେଉଛି ଏଥିରେ ବ୍ୟାକ୍‌ବୋର୍ଡ ରହିବ ନାହିଁ। ତେଣୁ ସାଧାରଣ ବାସ୍କେଟବଲ୍‌ର ଲେ-ଅପ୍ ଶଟ୍ ନେବା ସମ୍ଭବ ହେବ ନାହିଁ। ଖେଳାଳିମାନଙ୍କୁ ସିଧାସଳଖ ରିମ୍‌କୁ ଲକ୍ଷ୍ୟ କରି ଶଟ୍ ? ନେବାକୁ ପଡ଼ିବ। ରିମ୍ ତଳେ ଏକ 'ନୋ-ଅଫେନ୍ସ ଜୋନ୍' ମଧ୍ୟ ରହିବ। ଏହି ଅଞ୍ଚଳକୁ ପ୍ରବେଶ କରି ସ୍କୋର କଲେ ତାହାକୁ ପଏଣ୍ଟ ? ଭାବେ ଗଣନା କରାଯିବ ନାହିଁ। ଏଥିପାଇଁ ବାସ୍କେଟବଲ୍ ଖେଳାଳିଙ୍କୁ ନିଜର ପାରମ୍ପରିକ ଖେଳ ଶୈଳୀ ବଦଳାଇ ନୂଆ ରଣନୀତି ଆପଣାଇବାକୁ ହେବ। ଫିବଲ୍‌ର ଅନ୍ୟତମ ଆକର୍ଷଣ ହେଉଛି ଏହାର କମ୍ ଖର୍ଚ୍ଚ ଓ ସହଜ ଭିତ୍ତିଭୂମି।

# ମହମ୍ମଦ ସିରାଜଙ୍କୁ ରାଖୀ ବାନ୍ଧିଲେ ଜନାଇ ଭୋସଲେ

**ନୂଆଦିଲ୍ଲୀ,୨୯।୮ :** ଭାରତୀୟ କ୍ରିକେଟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ ଗାୟିକା ଜନାଇ ଭୋସଲେଙ୍କ ସଂପର୍କ ଭାଇ-ଭଉଣୀର ଅତୁଟ ବନ୍ଧନରେ ଅଟକିଛି। ସିରାଜଙ୍କୁ ଜନାଇ ନିଜର ବଡଭାଇ ଆସନରେ ବସାଇଛନ୍ତି। ପବିତ୍ର ରକ୍ଷାବନ୍ଧନ ଅବସରରେ ସେ ଏହି ଅତୁଟ ବନ୍ଧନ ନେଇ ପ୍ରଶଂସକଙ୍କ ସହିତ ସେୟାର କରିଛନ୍ତି, ଯାହା ହୃଦୟକୁ ଛୁଇଁଲା ଭଳି ବାର୍ତ୍ତା ହୋଇଛି।

ଜନାଇ ଅଗଷ୍ଟ ୨୯ରେ ନିଜର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ମହମ୍ମଦ ସିରାଜଙ୍କ ହାତରେ ଏକ ରାଖୀ ବାନ୍ଧୁଥିବାର ଦେଖାଯାଉଛି। ଏଥିରେ ସେ ଯେଉଁ ଆବେଗପୂର୍ଣ୍ଣ ବାର୍ତ୍ତା ଲେଖିଛନ୍ତି, ତାହା ସମସ୍ତଙ୍କୁ ଧ୍ୟାନ କେନ୍ଦ୍ରିତ କରୁଛି। ନିଜର ବାର୍ତ୍ତାରେ ଜନାଇ ଲେଖିଛନ୍ତି, ହାପି ରାଖୀ। ମୁଁ ଖୁସି ଅନୁଭବ କରୁଛି ଯେ, ମୋତେ



ଏତେ ଭଲ ଭାଇ ମିଳିଛି। ମୋର ସବୁଠାରୁ ନିକଟତର ବନ୍ଧୁ।' ଜନାଇ ଭୋସଲେ ଏବଂ ମହମ୍ମଦ ସିରାଜ ସବୁବେଳେ ନିଜର ସଂପର୍କକୁ ମର୍ଯ୍ୟାଦାପୂର୍ଣ୍ଣ ରଖିଛନ୍ତି। ଏକଦା ଉଭୟଙ୍କ ସଂପର୍କକୁ ନେଇ ଅପପ୍ରଚାର ମଧ୍ୟ ହୋଇଥିଲା। ମାତ୍ର ଅପପ୍ରଚାରକୁ ଜନାଇ ଖଣ୍ଡନ କରିଥିଲେ। ସର୍ବସାଧାରଣ ସ୍ଥଳୀରେ ସିରାଜଙ୍କୁ ସେ ଭାଇ ସମ୍ବୋଧନ କରିଥିଲେ। ସେ ପ୍ରମାଣିତ କରିଛନ୍ତି ଯେ, ଉଭୟଙ୍କ ମଧ୍ୟରେ ଥିବା ସଂପର୍କ ଭାଇ-ଭଉଣୀ ବ୍ୟତୀତ ଅନ୍ୟ କିଛି ନୁହେଁ।

ମହମ୍ମଦ ସିରାଜ ମଧ୍ୟ ଏହି ସଂପର୍କକୁ ଆତ୍ମୀୟତା ଭାବେ ସ୍ୱୀକାର କରିଛନ୍ତି। ଜନାଇ ଭଳି ଭଉଣୀ ଆଉ କେହି ହୋଇପାରିବେ ନାହିଁ। ହଜାରେ ମଧ୍ୟ ମୋର ଭଉଣୀ ଜନାଇ ଗୋଟିଏ ମାତ୍ର। ତାଙ୍କର ଏହି ବାର୍ତ୍ତା ଲୋକଙ୍କର ଗୁଜବକୁ ଅଟକାଇ ଦେଇଥିଲା।

ସୂଚନାଯୋଗ୍ୟ, ଭାରତୀୟ କ୍ରିକେଟ୍ ଟିମ୍‌ର ସଦସ୍ୟ ମହମ୍ମଦ ସିରାଜ ତେଲେଙ୍ଗାନାର ସିକନ୍ଦରାବାଦରେ ୧୯୯୪ ମାର୍ଚ୍ଚ ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଦ୍ରୁତବୋଲର ସିରାଜ ୨୦୧୯ ଜାନୁଆରି ୧୫ରେ ଭାରତୀୟ ଦିନିକିଆ ଦଳରେ ଅଷ୍ଟ୍ରେଲିଆ ବିପକ୍ଷରେ ପଦାର୍ପଣ କରିଥିଲେ। ସେ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୦ ଡିସେମ୍ବର ୨୬ରେ ଟେଷ୍ଟ ମ୍ୟାଚରେ ପଦାର୍ପଣ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ୨୦୧୭ ନଭେମ୍ବର ୪ରେ ପଦାର୍ପଣ କରିଥିଲେ। ଏପର୍ଯ୍ୟନ୍ତ ସେ ୪୬ଟି ଟେଷ୍ଟ, ୫୦ଟି ଦିନିକିଆ, ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ୧୪୦, ଦିନିକିଆରେ ୭୬ ଏବଂ ଟି୨୦ରେ ୧୭ଟି ଓ୍ୱିକେଟ୍ ନେଇଛନ୍ତି।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ନୀରଜ ଚୋପ୍ରା

**ନୂଆଦିଲ୍ଲୀ,୨୯।୮ :** ଭାରତର ତାରକା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରାଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି। ଗୋଡ଼ରେ ଆଘାତ କାରଣରୁ ସେ ୨୦୨୬ ଏସୀୟ କ୍ରୀଡ଼ା ସମେତ ଚଳିତ ସିଜନ୍ ?ର ବାକି ସମସ୍ତ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତିନେଇଛନ୍ତି। ନୀରଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଏହି ଆଘାତ ସମ୍ପର୍କରେ ସୂଚନା ଦେବା ସହ ସେ ବର୍ତ୍ତମାନ ଖେଳରୁ ଦୂରେଇ ରହିବେ ବୋଲି ଜଣାଇଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ବିଶ୍ରାମ ଓ ଚିକିତ୍ସାର ଆବଶ୍ୟକତା ରହିଥିବାରୁ ସେ ଏହି କଠିନ ନିଷ୍ପତ୍ତି ନେଇଥିବା କହିଛନ୍ତି।ଉଲ୍ଲେଖ ଥାଉ କି, ସିଜନର ତାଙ୍କର ସର୍ବୋତ୍ତମ ଥ୍ରୋ ଦେବା ପରେ ନୀରଜଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡିଥିଲା। ଅଗଷ୍ଟ ୨୧ ତାରିଖରେ ନୀରଜ ଲୌଯେନ ଡାଇମଣ୍ଡ ଲିଗରେ ୮୮.୦୫




ମିଟର ଫିଙ୍ଗିଥିଲେ। ଆଉ ଆଜି ନୀରଜ ଏହି ସୂଚନା ଦେଇଛନ୍ତି। ଯଦିଓ ତାଙ୍କ ପୋଷ୍ଟରେ ଏସୀୟ କ୍ରୀଡ଼ାର ଉଲ୍ଲେଖ ନଥିଲା, କିନ୍ତୁ ସମଗ୍ର ସିଜନରୁ ତାଙ୍କର ବାଦ ପଡ଼ିବା ଅର୍ଥ ହେଉଛି ସେ ସେଥିରୁ ମଧ୍ୟ ବାହାରେ ଅଛନ୍ତି।ନୀରଜ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ବହୁତ ପରିଶ୍ରମ ପରେ, ମୁଁ ଅନୁଭବ କଲି ଯେ ମୁଁ ଲୌଯେନରେ ମୋର 'ସିଜନର ସର୍ବୋତ୍ତମ ଥ୍ରୋ' ସହିତ ଯେଉଁ ଲୟ ଖୋଜୁଥିଲି ତାହା ପାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ, ଏହାର କିଛି ସମୟ ପରେ, ପ୍ରଶିକ୍ଷଣ ସମୟରେ ମୋର ଗୋଡ଼ରେ ଆଘାତ ଲାଗିଥିଲା । ମୋର ଡାକ୍ତର ଏବଂ ଦଳ ସହିତ ପରାମର୍ଶ କରିବା ପରେ, ମୁଁ ଏହି ସିଜନର ବାକି ସମୟ ପାଇଁ ଅଂଶଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଛି।' ଉଲ୍ଲେଖ ଥାଉ କି, ଗତ ଏସୀୟ କ୍ରୀଡ଼ାରେ, ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଚୀନ୍ ?ର ହାଙ୍ଗଝୁରେ ଅନୁଷ୍ଠିତ ପ୍ରତିଯୋଗିତାରେ ୮୮.୮୮ ମିଟର ଫିଙ୍ଗିଥିଲେ।

## ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ପାର୍ବଣ ଅଫର୍

**ମୁମ୍ବାଇ,୨୯।୮ :** ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଡିଭାଇନ୍ ସଲିଟେୟାର୍ସର ପ୍ରମୁଖ ବାର୍ଷିକ ଗ୍ରାହକ ଅଭିଯାନ, ଯାହା ୧ ଅଗଷ୍ଟ ୨୦୨୬ରୁ ଦେଶବ୍ୟାପୀ ଏହାର ବିସ୍ତୃତ ପାର୍ଟନର୍ ଜୁଏଲର୍ ନେଟୱର୍କ ମାଧ୍ୟମରେ ଆରମ୍ଭ ହୋଇଥିଲା, ବର୍ତ୍ତମାନ ଏହାର ଅନ୍ତିମ ସପ୍ତାହରେ ପହଞ୍ଚିଛି। ଫେଷ୍ଟିଭାଲ୍ ଶେଷ ପର୍ଯ୍ୟାୟକୁ ଆସୁଥିବା ବେଳେ, ଡିଭାଇନ୍ ସଲିଟେୟାର୍ସ ଆକର୍ଷଣୀୟ ପାର୍ବଣ ଅଫର୍ ଘୋଷଣା କରିଛି। ଏହା ଗ୍ରାହକମାନଙ୍କୁ ପାର୍ବଣ ଋତୁରେ ବିଶେଷ ଲାଭ ଓ ପୁରସ୍କାର ଉପଭୋଗ କରିବା ପାଇଁ ଏକ ଅତିରିକ୍ତ ସୁଯୋଗ ପ୍ରଦାନ କରୁଛି। ୨୦୨୬ର ଏକ ଅବ୍ୟାହତ ଅଂଶ ଭାବରେ, ଡିଭାଇନ୍ ସଲିଟେୟାର୍ସ ନୂତନ ଏବଂ ଆକର୍ଷଣୀୟ ଅଫର୍ ଆଣିଛି, ଯାହା ଗ୍ରାହକମାନଙ୍କ ପାଇଁ ପାର୍ବଣ ଋତୁରେ ଏକ ବିଶେଷ ସୁବିଧା ପ୍ରଦାନ କରିବ। ସାଧାରଣତଃ ଏହି ଖୋଦେଇ ସେବା ପାଇଁ ୨,୫୦୦ ଟଙ୍କାରୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଲାଗୁଥିବା ବେଳେ, ଏହି ବିଶେଷ ପାର୍ବଣ ଅଫର୍ ଅନ୍ତର୍ଗତ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ଅଫରଗୁଡ଼ିକ ଆପଣଙ୍କ ସହରର ନିମ୍ନଲିଖିତ ଶୋରୁମ୍ଗୁଡ଼ିକରେ ଉପଲବ୍ଧ ଖିମଜି ଜୁଏଲର୍ସ – ଚନ୍ଦ୍ରଶେଖରପୁର, ଜନପଥ, ସାମନ୍ତରାପୁର, ସୌଭାଗ୍ୟ ନଗର ଏବଂ ଏପାରି ସଦାଶିବ ପ୍ରାଇଭେଟ୍ ଲିମିଟେଡ୍ – ଭୁବନେଶ୍ୱର. ନୂତନ ଅଫର୍ ଏବଂ ଫେଷ୍ଟିଭାଲ୍ ବିଷୟରେ କହି ଡିଭାଇନ୍ ସଲିଟେୟାର୍ସର ମ୍ୟାନେଜିଂ ଡାଇରେକ୍ଟର ଜିଗ୍ନେଶ ମେହତା କହିଛନ୍ତି: 'ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଆମ ଗ୍ରାହକ ଏବଂ ରିଟେଲ୍ ପାର୍ଟନର୍ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ଉତ୍ସବରେ ପରିଣତ ହୋଇଛି।

# ଜାତୀୟ କ୍ରୀଡ଼ା ଦିବସରେ ବେଦାନ୍ତ ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ

**ଭୁବନେଶ୍ୱର,୨୯।୮ :** କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପ୍ରତିବର୍ଷ ୨୯ ଅଗଷ୍ଟରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସରେ, ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସ୍ଏଲ୍) ସରକାରଙ୍କ "ଖେଳିବ ଭାରତ, ଜିତିବ ଭାରତ" ଦୂରଦୃଷ୍ଟି ପ୍ରତି ଆପଣାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି। ଗୋଆର ସେସା ଫୁଟବଲ୍ ଏକାଡେମୀ ଓ ଝାଡ଼ଖଣ୍ଡର ବେଦାନ୍ତ ଇଏସ୍ଏଲ୍ ତିରନ୍ଦାଜୀ ଏକାଡେମୀ ନାମକ ଏହାର ଦୁଇଟି ସବୁଠାରୁ ଦୀର୍ଘଦିନରୁ ଚାଲିଆସୁଥିବା ତୃଣମୂଳ କ୍ରୀଡ଼ା ଉଦ୍ୟୋଗ ଉପରେ ଆଲୋକପାତ କରିଛି ଯାହା ମିଳିତ ଭାବେ ଗ୍ରାମୀଣ ଏବଂ ଖଣି-ଅଚଂଳ ସମ୍ପ୍ରଦାୟର ଶହ ଶହ ଯୁବ ଆଥଲେଟ୍‌ଙ୍କୁ ତୃଣମୂଳ ସ୍ତରର ଭାଗୀଦାରୀରୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଏକ ପ୍ରକୃତ ପଥ ପ୍ରଦାନ କରିଛନ୍ତି। ସେସା ସ୍ପୋର୍ଟସ କ୍ଲବର ଐତିହ୍ୟକୁ ଆଧାର କରି ୧୯୯୯ ମସିହାରେ ସାଂଖାଳିଠାରେ ପୁନରୁଦ୍ଧାର କରାଯାଇଥିବା ଖଣି ଜମିରେ ଯାହା ଆରମ୍ଭ ହୋଇଥିଲା। ତାହା ଭାରତର ସ୍ୱୀକୃତିପ୍ରାପ୍ତ ଫୁଟବଲ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହୋଇଛି। ଗୁଣବାନ୍ ଯୁବକମାନଙ୍କୁ ବିଶେଷ କରି ଗ୍ରାମୀଣ ଏବଂ ଖଣି-ଅଂଚଳ ସମ୍ପ୍ରଦାୟର ଫୁଟବଲକୁ ଗାମ୍ଭୀର୍ଯ୍ୟର ସହିତ ଆପଣେଇବାର ସୁଯୋଗ ଦେବା ପାଇଁ ପ୍ରତିଷ୍ଠିତ ସେସା ଫୁଟବଲ ଏକାଡେମୀ (ଏସ୍ଏଫ୍ଏ)ର ଆବାସିକ କାର୍ଯ୍ୟକ୍ରମରୁ ଏପର୍ଯ୍ୟନ୍ତ ୨୩୦ ରୁ ଅଧିକ ଖେଳାଳି ସ୍ନାତକ ହୋଇସାରିଛନ୍ତି, ଯେଉଁଥିରୁ ୧୪ ଜଣ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏକାଡମୀ ବାହାରେ, ଝରଇ ର ଲିଗ୍, କ୍ୟାମ୍ପ, ଟୁର୍ଣ୍ଣାମେଂଟ ଏବଂ ତୃଣମୂଳ ଉଦ୍ୟୋଗଗୁଡ଼ିକ ୮,୦୦୦ ରୁ ଅଧିକ ଯୁବ ଫୁଟବଲରଙ୍କୁ ଜଡ଼ିତ କରିଛନ୍ତି, ଏବଂ ଏକାଡେମୀ ଲଗାତାର ଦ୍ୱିତୀୟ ଚକ୍ର ପାଇଁ ଏହାର ଏଆଇଏଫ୍ଏଫ୍ ଥ୍ରୀ-ଷ୍ଟାର ସ୍ୱୀକୃତି ବଜାୟ ରଖିଛି। ଏସ୍ଏଫ୍ଏର ପ୍ରଭାବ ହୁଏତ ମହିଳା ଫୁଟବଲରେ ସବୁଠାରୁ ବେଶି ଦୃଶ୍ୟମାନ। ୨୦୧୭ ମସିହାରେ ଏହା ବେଦାନ୍ତ ମହିଳା ଲିଗ୍ ଆରମ୍ଭ କରିଥିଲା, ଯାହା ଆଠଟି ସଂସ୍କରଣରେ ୧,୪୦୦ ରୁ ଅଧିକ ମହିଳା ଫୁଟବଲରଙ୍କୁ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିଛି। ଏହି ଗତିପଥକୁ ଆଧାର କରି, ଏସ୍ଏଫଏ ୨୦୨୩ ମସିହାରେ ଏହାର ସିନିୟର ମହିଳା ଟିମ୍ ପ୍ରତିଷ୍ଠା କରିଥିଲା; ଦୁଇ ବର୍ଷ ମଧ୍ୟରେ, ଟିମ୍ ବେଦାନ୍ତ ମହିଳା ଲିଗ୍ ଚାମ୍ପିୟନ୍ ହୋଇଥିଲା, ଆଇଡବ୍ଲ୍ୟୁଏଲ୍-୨ ରେ ପୋଡିୟମ୍ ଫିନିସ୍ ସୁନିଶ୍ଚିତ କରିଥିଲା, ଏବଂ ଇଣ୍ଡିଆନ୍ ଓ୍ୱମେନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିଥିଲା, ଯାହା ତିନି ବର୍ଷର ବ୍ୟବଧାନ ପରେ ଗୋଟିଏ ଗୋଆନ୍ କ୍ଲବକୁ ଦେଶର ପ୍ରମୁଖ ମହିଳା ଫୁଟବଲ ପ୍ରତିଯୋଗିତାକୁ ଫେରାଇ ଆଣିଛି। ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍‌ର ଫୁଟବଲ ସହିତ ଗଭୀର ହେଉଥିବା ସମ୍ପର୍କ ଏପରି ଏକ ସମୟରେ ବିଶେଷ ମହତ୍ୱପୂର୍ଣ୍ଣ ଯେତେବେଳେ କେତେକ ଜଣାଶୁଣା କର୍ପୋରେଟ୍ ଭାରତରେ ଫୁଟବଲ ପରିଦୃଶ୍ୟରୁ ଧୀରେ ଧୀରେ ବାହାରି ଯାଉଛନ୍ତି। ଏହି ଅବସରରେ ବକ୍ତବ୍ୟ ରଖି ଭିଆଇଏସ୍ଏଲ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, "ସେସା ଫୁଟବଲ ଏକାଡେମୀ ଏବଂ ବେଦାନ୍ତ ଇଏସ୍ଏଲ୍ ତିରନ୍ଦାଜୀ ଏକାଡେମୀ ମାଧ୍ୟମରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ କ୍ରୀଡ଼ାର ପରିବର୍ତ୍ତନକାରୀ ଶକ୍ତିକୁ ପ୍ରତ୍ୟକ୍ଷ କରିଛି। ସ୍କୋର କରାଯାଇଥିବା ଗୋଲ୍ ଏବଂ ଜିତିଥିବା ପଦକ ବ୍ୟତୀତ, ଏହାର ଚିରସ୍ଥାୟୀ ପ୍ରଭାବ ଯୁବକମାନଙ୍କୁ ଏପରି ଆକାଂକ୍ଷା ପୂରଣ କରିବାର ଆତ୍ମବିଶ୍ୱାସ ଦେବାରେ ନିହିତ ଅଛି ଯାହାକୁ ସେମାନେ ଦିନେ ସେମାନଙ୍କ ପହଞ୍ଚ ବାହାରେ ବୋଲି ଭାବୁଥିଲେ।" ପର୍ଲ ଫର୍ଣ୍ଣାଣ୍ଡିଜଙ୍କ ପାଇଁ ଏସଏଫଏର ସହଯୋଗ ତୃଣମୂଳ ଫୁଟବଲରୁ ଅନ୍ତର୍ଜାତୀୟ ମଂଚ ପର୍ଯ୍ୟନ୍ତ ଅଗ୍ରଗତି କରିବା ପାଇଁ ଏକ ଭିତିଭୂମି ଯୋଗାଇ ଦେଇଛି। ଏସଏଫଏ ସିନିୟର ମହିଳା ଟିମ୍‌ର ଖେଳାଳି ପର୍ଲ ଫର୍ଣ୍ଣାଣ୍ଡିଜ୍ କହିଛନ୍ତି, "ଏସଏଏଫଏଫର ଟି-୧୭ ମହିଳା ଚାମ୍ପିୟନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବା ଏବଂ ଏଏଫସି ଏସୀୟ କପ୍ ୨୦୨୬ ପାଇଁ ଯୋଗ୍ୟତା ହାସଲ କରିବାରେ ଦଳକୁ ସାହାଯ୍ୟ କରିବା ମୋ କ୍ୟାରିୟରର ସବୁଠାରୁ ଗୌରବପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ